ବର୍ଷ-୨୬, ସଂଖ୍ୟା-୩୦୫
ଭୁବନେଶ୍ୱର
ନଭେମ୍ବର, ୧୫, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 305
Bhubaneswar
November, 15, 2026, Sunday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com

ଓଡ଼ିଶାରେ ଆବାସ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାକୁ ମିଳିଲା ଆଉ ୧ ଲକ୍ଷ ଆବାସ, ମୋଟ ଆବାସ ସଂଖ୍ୟା ୫ ଲକ୍ଷକୁ ବୃଦ୍ଧି

ବଲାଙ୍ଗୀର ଜିଲ୍ଲା ପାଇଁ ୯୧୧ କୋଟି ଟଙ୍କାର ୨୪୮ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



ବଲାଙ୍ଗୀର, ୧୪।୧୧(ମହାଭାରତ): ଯେତେବେଳେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ଏକ ସୁରକ୍ଷିତ ପକ୍କା ଘର ତଳେ ନିଶ୍ଚିନ୍ତରେ ରହି ପାରିବେ, ସେତେବେଳେ ଆମ ରାଜ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ିଚାଲିବ। ଏକ ବିକଶିତ ଓଡ଼ିଶାର ଆରମ୍ଭ ଆମ ଗାଁରୁ ହୋଇଥାଏ ଏବଂ ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଖଣ୍ଡେ ଯୋଗାଇଦେବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଆଜି ବଲାଙ୍ଗୀରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପକ୍କା ଘର କେବଳ ଇଟା, ବାଲି ଓ ସିମେଣ୍ଟରେ ତିଆରି ଏକ ଢାଞ୍ଚା ନୁହେଁ; ବରଂ କଚ୍ଚା ଘରେ ରହୁଥିବା ପରିବାର ପାଇଁ ଏହା ସମ୍ମାନର ସହ ସୁରକ୍ଷିତ ଆଶ୍ରୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ। ବିଶେଷକରି ଦୁର୍ଗମ, ପାହାଡ଼ିଆ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳର ଲୋକଙ୍କ ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ।

୨୦୧୪-୧୫ ଆର୍ଥିକ ବର୍ଷଠାରୁ ଓଡ଼ିଶାରେ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୧ ଲକ୍ଷରୁ ଅଧିକ ପକ୍କା ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗତ ୨ ବର୍ଷ ମଧ୍ୟରେ ୫ ଲକ୍ଷ ୬୬ ହଜାରରୁ ଅଧିକ ଘର ନିର୍ମାଣ ଶେଷ ହୋଇଛି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ନେତୃତ୍ୱରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ' (ପିଏମ୍‌ଏୱାଇ-ଜି) ଅଧୀନରେ ରାଜ୍ୟକୁ ମଞ୍ଜୁର ହୋଇଥିବା ମୋଟ ୨୮ ଲକ୍ଷ ୬ ହଜାର ଘର ମଧ୍ୟରୁ ୨୫ ଲକ୍ଷ ୫୮ ହଜାର ଘର ନିର୍ମାଣ ଶେଷ ହୋଇଛି। ଏହି ଯୋଜନାରେ ଘର ସହିତ ଶୌଚାଳୟ, ପାଇପ୍ ଯୋଗେ ପାନୀୟ ଜଳ, ରନ୍ଧନ ଗ୍ୟାସ୍ ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଉଛି।

କେନ୍ଦ୍ର ଗ୍ରାମୀଣ ବିକାଶ ଓ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନଜୀଙ୍କୁ ଓଡ଼ିଶା ମାଟିକୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଜୀଙ୍କ ନେତୃତ୍ୱରେ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଯୋଗୁଁ ଗତ ୧୨ ବର୍ଷରେ ଦେଶର ପ୍ରାୟ ୫୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରୁ ବାହାରି ପାରିଛନ୍ତି ବୋଲି ବିଶ୍ୱବ୍ୟାଙ୍କ ତଥ୍ୟ ପ୍ରଦାନ କରିଛି। ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଜୀଙ୍କ ନେତୃତ୍ୱରେ କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ର ଦ୍ରୁତ ଗତିରେ ଆଗେଇ ଚାଲିଛି।

ଆଜି ପ୍ରଥମ ପର୍ଯ୍ୟାୟରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ପାଇଁ ନୂତନ ଆବାସ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ୨୦୨୫ ଜାନୁଆରୀରୁ ମେ' ମଧ୍ୟରେ ହୋଇଥିବା 'ଇଙ୍ଗବବସ୍ସ ଚକ୍ଷଙ୍କସ୍ସ ୨୦୨୪' ସର୍ଭେକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ।

ସେ କହିଥିଲେ ଯେ କେନ୍ଦ୍ର ସରକାର ୪ ଲକ୍ଷ ଘର ପୂର୍ବରୁ ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ଆଉ ଏକ ଲକ୍ଷ ଘର ମଞ୍ଜୁର କରିଥିବା ଯୋଗୁ ଏହି ଯୋଜନାରେ ରାଜ୍ୟର ୫ ଲକ୍ଷ ଘର ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ଆଉ ଏକ ଲକ୍ଷ ଘର ପାଇଁ ଅନୁରୋଧ କରିଥିଲେ।ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଆବାସ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଜାତି ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଯୋଗୁଁ ଗତ ୧୨ ବର୍ଷରେ ଦେଶର ପ୍ରାୟ ୫୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରୁ ବାହାରି ପାରିଛନ୍ତି ବୋଲି ବିଶ୍ୱବ୍ୟାଙ୍କ ତଥ୍ୟ ପ୍ରଦାନ କରିଛି। ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଜୀଙ୍କ ନେତୃତ୍ୱରେ କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ର ଦ୍ରୁତ ଗତିରେ ଆଗେଇ ଚାଲିଛି।

ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ପରିବାରଙ୍କ ପାଇଁ ମଞ୍ଜୁର ହୋଇଥିବା ୪୧ ହଜାର ୭୫ଟି ଘର ମଧ୍ୟରୁ ୩୫ ହଜାର ୬୩୫ଟି ଘର ସମ୍ପୂର୍ଣ୍ଣ ହୋଇଛି। ସେହିପରି ୨୦୨୫ ମାର୍ଚ୍ଚ ୩୦ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟର ନିଜସ୍ୱ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ଦିବ୍ୟାଙ୍ଗ ମୁଖ୍ୟ ରୋଜଗାରକାରୀ ଥିବା ପରିବାର, ଅସହାୟ ଓ ବିଧବା ମହିଳାଙ୍କ ପରିବାରକୁ ସାମିଲ କରାଯାଇଛି। ଏଥିରେ ମଞ୍ଜୁର ୨ ଲକ୍ଷ ୨୫ ହଜାର ଘର ମଧ୍ୟରୁ ୧ ଲକ୍ଷ ୪୭ ହଜାର ଘର ନିର୍ମାଣ ଶେଷ ହୋଇଛି। ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏହି ଯୋଜନାର ଅବଧିକୁ ଆଉ ୨ ବର୍ଷ ବୃଦ୍ଧି କରାଯାଇ ୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ୨ ଲକ୍ଷ ୯୧ ହଜାର ୬୬୬ ନୂଆ ଘର ନିର୍ମାଣ କରାଯାଇପାରିବ। ଏହା ବ୍ୟତୀତ ୫ ମାସ ମଧ୍ୟରେ ଘର ଶେଷ କଲେ ୩୫ ହଜାର ଟଙ୍କା ଓ ୭ ମାସ ମଧ୍ୟରେ ଶେଷ କଲେ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି, ଯାହାଦ୍ୱାରା ଏପର୍ଯ୍ୟନ୍ତ ୧୧ ଲକ୍ଷ ୩୫ ହଜାର ହିତାଧିକାରୀ ଉପକୃତ ହୋଇଛନ୍ତି।

କେନ୍ଦ୍ର କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ ଯେ, ସେ ଅତିଥି ନୁହଁନ୍ତି ବରଂ ମନ୍ତ୍ରୀ ରୂପରେ ଜଣେ ସେବକ ଭାବେ ଆସିଛନ୍ତି।

ପାରମ୍ପରିକ କୃଷି ସହ ଆଧୁନିକ ଜ୍ଞାନ କୌଶଳକୁ ଆପଣାଇବାକୁ ପଡ଼ିବ ଏବଂ ଆଗାମୀ ଦିନରେ ବଲାଙ୍ଗୀରର ନୂତନ କୃଷି ବିଶ୍ୱବିଦ୍ୟାଳୟ ଦେଶର ଅନ୍ୟତମ ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜଣେ ସରଳ ଓ ନିଷ୍ପଟ ବ୍ୟକ୍ତି, ଯାହାଙ୍କ ସହ ମିଶି ବିନା କୌଣସି ତ୍ରୁଟିରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପହଞ୍ଚାଯିବ ବୋଲି ସେ କହିଥିଲେ। ହେଲିକପ୍ଟରରୁ ବଲାଙ୍ଗୀର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ରାଜ୍ୟରେ ୨୯ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଓଡ଼ିଶାର ପ୍ରତି ଗାଁକୁ ପକ୍କା ସଡ଼କ ଦ୍ୱାରା ଯୋଡ଼ାଯିବ । ପୂର୍ବରୁ ୪ ଲକ୍ଷ ଘର ମଞ୍ଜୁର ହୋଇଥିବା ବେଳେ ଆଜି ଅଧିକ ୧ ଲକ୍ଷ ଘର ମଞ୍ଜୁର କରାଯାଉଛି ଏବଂ ଭବିଷ୍ୟତରେ ଆହୁରି ଅଧିକ ଘର ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ।କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ ଯେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯେଉଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି, ଓଡ଼ିଶାରେ ତାହା ବଲାଙ୍ଗୀର ମାଟିରୁ ତାହା ଆରମ୍ଭ କରାଯିବ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ପର୍ଯ୍ୟଟନ ଏବଂ ଉନ୍ନତ ବିଦ୍ୟୁତ୍ ଉତ୍ପାଦନ ପାଇଁ କୃଷି କ୍ଷେତ୍ରରେ ଆଗ୍ରୋ ପ୍ୟାନେଲ୍ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ 'ପିଏମ୍ ସୂର୍ଯ୍ୟଘର ଯୋଜନା'କୁ ଯୋଡ଼ାଯିବ ଏବଂ ଘରର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସୁନିଶ୍ଚିତ କରାଯିବ।ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ, ଘର କାହା ପାଇଁ ଏକ ସ୍ୱପ୍ନ ତ କାହା ପାଇଁ ଏକ ପରିଚୟ ଓ ଠିକଣା, ଏବଂ ଏକ ପରିବାର ପାଇଁ ଏହା ସୁରକ୍ଷା କବଚ; ତେଣୁ ପ୍ରତ୍ୟେକ ସାମାଜିକ ପ୍ରାଣୀ ପାଇଁ ଘର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର ନିର୍ମାଣ ଶେଷ କରୁଥିବା ହିତାଧିକାରୀମାନଙ୍କୁ ଆମ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଯେକୌଣସି ମୂଲ୍ୟରେ ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦେଉଛନ୍ତି। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ କଲ୍ୟାଣ ମଣ୍ଡପ, ଖେଳପଡ଼ିଆ ଏବଂ ପୋଖରୀ ନିର୍ମାଣ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଘର କେବଳ ଏକ ବାସସ୍ଥାନ ନୁହେଁ, ଏହା ଜଣେ ମହିଳାଙ୍କ ପାଇଁ ସମ୍ମାନ ଏବଂ ଏକ ପରିବାର ପାଇଁ ସୁରକ୍ଷାର ପ୍ରତୀକ। ଆମ ସରକାର କେବଳ ଘର ଯୋଗାଇ ଦେଉନାହାନ୍ତି, ବରଂ ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଏବଂ ସଡ଼କ ସଂଯୋଗୀକରଣର ସୁବିଧା ମଧ୍ୟ ସୁନିଶ୍ଚିତ କରୁଛନ୍ତି। ବଲାଙ୍ଗୀର ମେଡିକାଲ କଲେଜରେ ଅଧିକ ସଂଖ୍ୟକ ପିଜି ସିଟ୍ ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ବଲାଙ୍ଗୀର ଏକ ପ୍ରମୁଖ ମେଡିକାଲ ହବ୍‌ରେ ପରିଣତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।ସୂଚନାଯୋଗ୍ୟ ଯେ, ମା' ପାଟଣେଶ୍ୱରୀଙ୍କ ପୀଠରେ ଆୟୋଜିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରାୟ ୯୧୧ କୋଟି ଟଙ୍କାର ୨୪୮ଟି ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି, ଯେଉଁଥିରେ ପ୍ରାୟ ୧୭୬ କୋଟି ଟଙ୍କାର ୧୬୦ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୭୩୫ କୋଟି ଟଙ୍କା ମୂଲ୍ୟର ୮୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜଳଯୋଗାଣ, ଜଳସେଚନ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର, ଅତିରିକ୍ତ ଶ୍ରେଣୀଗୃହ, ସଡ଼କ ଉନ୍ନତିକରଣ ଓ ହଷ୍ଟେଲ୍ ଆଦି ଏହି ପ୍ରକଳ୍ପଗୁଡ଼ିକ ବଲାଙ୍ଗୀରର ବିକାଶ ଯାତ୍ରାରେ ନୂଆ ଫରଦ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ଶ୍ରୀମତୀ ସଂଗୀତା ସିଂହଦେଓ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ୍, ଟିଟିଲାଗଡ଼ ବିଧାୟକ ଶ୍ରୀ ନବୀନ କୁମାର ଜୈନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିସନର ତଥା ଶାସନ ସଚିବ ଶ୍ରୀମତୀ ରୂପା ମିଶ୍ର ଏବଂ ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରବ ଶିବାଜୀ ଇଶଲ୍‌ୱର ପ୍ରମୁଖ ଉପସ୍ଥିତ ଥିଲେ।

ଶେଷ ବଲରେ ଚୌକା ମାରି ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ



ଅଲ୍ ଅମାରାତ, ୧୪।୧୧: ଅପ୍ରତ୍ୟାଶିତ। ଛାତି ଧଡ଼ଧଡ଼ କରି ଦେବା ଭଳି ମ୍ୟାଚ୍। ଶେଷରେ ସବୁ ଆକଳନ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅଣ୍ଡର ୧୯ ଏସିଆନ କପ ଜିତିଛି ଭାରତୀୟ ଟିମ। ନିଶ୍ଚିତ ପରାଜୟକୁ ବିଜୟରେ ପରିଣତ କରିଛି ଭାରତୀୟ ଟିମ।ଶେଷ ବଲରେ ୩ ରନ ଦରକାର ଥିବା ବେଳେ ଦ୍ରୁତ ବୋଲର ମୋହିଲ ଉଲଭା କମାଲ କରିଛନ୍ତି। ସେ ଚୌକା ମାରି ଭାରତକୁ ୨୦୨୬ ଅଣ୍ଡର ୧୯ ଏସିଆ କପ ଭେଟି ଦେଇଛି। ମୋହିତ ଓ ମନଲ ଚୌହାନଙ୍କ ଯୋଡ଼ି ପାକିସ୍ତାନ ହାତରୁ ବିଜୟ ଛଡ଼ାଇ ଆଣି ଦେଶକୁ ୧ ୱିକେଟରେ ଜିତାଇ ଦେଇଛନ୍ତି। ଏଥିସହ ଗ୍ରୁପ ପର୍ଯ୍ୟାୟ ଓ ୨୦୨୫ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ପାକିସ୍ତାନ ଠାରୁ ନେବାକୁ ସକ୍ଷମ ହୋଇଛନ୍ତି ଲକ୍ଷ୍ୟ ରାଇଚନ୍ଦାନୀଙ୍କ ଭାରତ। ୨୦୨୫ରେ ଦଳ ଆୟୁଷ ମାହତ୍ରେଙ୍କ

୧୯ ବର୍ଷରୁ କମ୍ ଏସିଆ କପ୍

ଭାରତକୁ ଏକତରଫା ଭାବେ ହରାଇ ଥିଲା ପାକିସ୍ତାନ। ଭାରତ ୨୦୨୧ ପରେ ପ୍ରଥମଥର ଅଣ୍ଡର ୧୯ ଏସିଆ କପ ଜିତିବାକୁ ମଧ୍ୟ ସକ୍ଷମ ହୋଇଛି।

୨୦୨୬ରେ ଦଳ ଲକ୍ଷ୍ୟ ରାଇଚନ୍ଦାନୀଙ୍କ ଦଳ ପାକିସ୍ତାନକୁ ୧ ୱିକେଟରେ ହରାଇ ଦେଇଛି। ଲକ୍ଷ୍ୟଙ୍କ ଅଣ୍ଡର ୧୯ ଭାରତୀୟ ଟିମରେ ବୀରେନ୍ଦ୍ର ସେହୱାଗଙ୍କ ପୁଅ ଆର୍ଯ୍ୟବୀର ଓ ରାହୁଲ ଦ୍ରବିଡଙ୍କ ପୁଅ ଅନ୍ୱୟ ରହିଥିଲେ।

୪୨ ଓଭର ସୁଦ୍ଧା ଭାରତ ୮ ୱିକେଟ ହରାଇ ୨୫୨ ରନ କରିଥିଲା। ଟାର୍ଗେଟ ୩୩୮ ଥିବାରୁ ଭାରତ ଗୋଟିଏ ପରାଜୟ ଦିଗରେ ଯାଉଥିବା ସମସ୍ତେ ଭାବିନେଇଥିଲେ। କିନ୍ତୁ ମନଲ ଚୌହାନ ଓ ମୋହିତ ସ୍ଥିତି ବଦଳାଇ ଦେଇଥିଲେ। ଉଭୟ ବଡ଼ବଡ଼ ଶଟ ଖେଳି ଭାରତର କମବ୍ୟାକ କରାଇଥିଲେ।ମନଲ ୩୨ ବଲରେ ୪୭ କରି ଆଉଟ ହେବା ପରେ ପୁଣି ଭାରତର ଆଶା ମଉଳି ଯାଇଥିଲା। କିନ୍ତୁ ମୋହିତ ହାର ମାନି ନଥିଲେ। ତାଙ୍କୁ ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଭେଙ୍କଟା ମଧ୍ୟ ସାଥ ଦେଇଥିଲେ। ଶେଷରେ ମୋହିତ ଚୌକା ମାରି ଭାରତକୁ ଜିତାଇଛନ୍ତି। ମୋହିତ ୨୬ ବଲରେ ଖେଳିଛନ୍ତି ଅପରାଜିତ ୪୯ ରନ ଇନିଂସ। ଭେଙ୍କଟା ମଧ୍ୟ ୮ ବଲରେ ୧୧ ରନ କରିଛନ୍ତି।

ଓମାନ କ୍ରିକେଟ ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ଉସମାନ ଖାନଙ୍କ ୧୦୭, ଅବଦୁଲ କାଦିରଙ୍କ ୮୦, ଅଧିନାୟକ ଫରହାନ ୟୁସୁଫଙ୍କ ୬୩ ରନ ବଲରେ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୩୩୭ ରନ କରିଥିଲା। ଏହାର ଜବାବରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ କେବଳ ୩୩୯ ରନ କରିନେଇଛି।

୨୬ ବଲରେ ଅପରାଜିତ ୪୯ ରନ କରିଥିବା ମୋହିତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସେହିପରି ସେହୱାଗଙ୍କ ପୁଅ ଆର୍ଯ୍ୟବୀର ପୂରା ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କରିଥିବା ମ୍ୟାନ ଅଫ ଦି ସିରିଜ ପୁରସ୍କାର ହାତେଇଛନ୍ତି। ଅଣ୍ଡର ୧୯ ଏସିଆ କପରେ ଆର୍ଯ୍ୟବୀର ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସହ ହାସଲ କରିଥିଲେ ୩୬୧ ରନ। ତାଙ୍କ ଠାରୁ ଅଧିକ ରନ କେହି ବି ଏସିଆ କପରେ କରି ନାହାନ୍ତି।

୩୩୮ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ପାଇଁ ଆର୍ଯ୍ୟବୀର ସେହୱାଗ ଓ ଅଧିନାୟକ ଲକ୍ଷ୍ୟ ଧମା ଷ୍ଟାର୍ଟ ଦେଇଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୯୫ ରନ ଯୋଡ଼ିଥିଲେ ହେଁ ଏଥିପାଇଁ ୧୭ ଓଭର ବ୍ୟାଟିଂ କରିଥିଲେ।ଆର୍ଯ୍ୟବୀର ଚଳିତ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ତୃତୀୟ ଅର୍ଦ୍ଧଶତକ ମାରିବା ପରେ ଗିୟର ବଦଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ୬୧ ବଲରେ ୫୮ ରନ କରି ନିକାବ ଶଫିକଙ୍କ ବଲରେ ଆଉଟ ହୋଇଯାଇଥିଲେ। ଭିକେ ବିନୀତ କିଛି ଶଟ ଖେଳିଥିଲେ ହେଁକେବଳ ୨୪ ରନ କରିଯାଇଥିଲେ।ପାକିସ୍ତାନ ବିପକ୍ଷ ଗ୍ରୁପ ପର୍ଯ୍ୟାୟରେ ଶତକ ମାରିଥିବା ଅର୍ଜୁନ ରାଜପୁତ ଆଜି କେବଳ ୧୬ ରନ ହିଁ କରିପାରିଛନ୍ତି। ଯଶବର୍ଦ୍ଧନ ଚୌହାନ ୯ ରନ କରି ୪ର୍ଥ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ଗୋଟିଏ ପଟେ ୱିକେଟ ପଡୁଥିବା ବେଳେ ଅଧିନାୟକ ଲକ୍ଷ୍ୟ ସ୍ଥିତି ସମ୍ଭାଳି ଅନ୍ୟ ପଟେ ରହିଥିଲେ। ହେଲେ ରନର ବେଗ ବଢ଼ାଇବାକୁ ସେ ସକ୍ଷମ ହୋଇ ନଥିଲେ। ଡ୍ରଭିଡଙ୍କ ପୁଅ ଅନ୍ୱୟ କ୍ରିଜକୁ ଆସିବା ପରେ କ୍ରମାଗତ ଚୌକା ମାରି ରନର ଗତି ବଢ଼ାଇଥିଲେ।ଏସବୁ ଭିତରେ ୧୦୧ ବଲରେ ୮୦ ରନ କରି ଅଲୀ ରାଜାଙ୍କ ବଲରେ ଆଉଟ ହୋଇଯାଇଥିଲେ ଲକ୍ଷ୍ୟ। ପରବର୍ତ୍ତୀ ବଲରେ ଅନ୍ୱୟ ୧୨ ବଲରେ ୧୯ ରନ କରି ରନ ଆଉଟ ହୋଇଯାଇଥିଲେ। ଏହି ଦୁଇ ବ୍ୟାଟର ଆଉଟ ହେବା ପରେ ଭାରତର ବିଜୟ ଆଶା ପୂରା ମଉଳି ଯାଇଥିଲା। ମନଲ ଚୌହାନ ଓ ଆର୍ଯ୍ୟନ ସାବସିନି କିଛି ଶଟ ଖେଳିଥିଲେ ହେଁ ଯଥେଷ୍ଟ ହେବା ଭଳି ଲାଗୁ ନଥିଲା। ଦଳୀୟ ସ୍କର ୨୫୧ ଥିବା ବେଳେ ଆର୍ଯ୍ୟନ ୧୪ ବଲରେ ୯ ରନ କରି ରିଜୱାନୁଲ୍ଲାଙ୍କ ତୃତୀୟ ଶିକାର ବନିଥିଲେ। ଏହାପୂର୍ବରୁ ସେ ବିନୀତ ଓ ଅର୍ଜୁନଙ୍କ ୱିକେଟ ମଧ୍ୟ



ଜୀବନଚର୍ଯ୍ୟା



୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମା

ମସଲାଯୁକ୍ତ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କମ୍ ତେଲ, ମସଲାରେ କ'ଣ ଖାଦ୍ୟ ପ୍ରସ୍ତୁତ ହେବେ ସେନେଇ ସର୍ବଦା ଗୃହିଣୀମାନେ ଚିନ୍ତାରେ ପଡ଼ିଯାଇଥାଆନ୍ତି। କମ୍ ତେଲ ଓ ମସଲାରେ ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଆସନ୍ତୁ ଜାଣିବା।


ସୁଜି ଉପମା;ପ୍ରଥମେ ସୁଜି, ପିଆଜ ଓ ଆପଣଙ୍କ ପସନ୍ଦ ମୁତାବକ ପନିପରିବାକୁ ଭାଜିକି ରଖନ୍ତୁ। ନିଜର ଆବଶ୍ୟକତା ଅନୁଯାୟୀ ପାଣିକୁ ଫୁଟାନ୍ତୁ। ପାଣି ଫୁଟି ଗଲା ପରେ ସେଥିରେ ଭଜା ଯାଇଥିବା ସୁଜି, ପିଆଜ ଓ ପନିପରିବାକୁ ପକାଇ ଗୋଳାଇ ଦିଅନ୍ତୁ। ୫ ମିନିଟ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ପରସି ଦିଅନ୍ତୁ ଗରମାଗରମ ଉପମା।

ବ୍ରେଡ ଉପମା:ସମାନଶୈଳୀରେ ଡାଲିଆ, ବୁଡ଼ା, ସିମେଇ, ଶାଗୁ, ଓଟସ, ପାଳଙ୍ଗ, ସୋୟାବିନ୍ ଉପାମ ପ୍ରସ୍ତୁତ କରି ପାରିବେ। ସେହିପରି ପ୍ରଥମେ ତେଲରେ ପିଆଜ ସହିତ ବିଭିନ୍ନ ପ୍ରକାର ପନିପରିବାକୁ ଭାଜି ସେଥିରେ ଶୁଖିଲା ରୁଟିକୁ ଖଣ୍ଡଖଣ୍ଡ କରି ଚଟାପଟ ଉପାମା ପ୍ରସ୍ତୁତ କରିପାରିବେ। ଏହି ଉପାୟରେ ବ୍ରେଡ ଉପମା ବି ପ୍ରସ୍ତୁତ ହୋଇପାରିବ



ଖବର

କରୁଣାମୟୀ ଦେବୀ ସିଦ୍ଧବାସେଳୀ



ପୁରୁଷୋତ୍ତମ ଦେବଙ୍କ ଦୁଃଖ ସହିତ ଶ୍ରୀଜଗନ୍ନାଥଙ୍କର କାର୍ଯ୍ୟହୀନ କହି ସ୍ୱୟଂ ଜଗନ୍ନାଥଙ୍କର ଅବମାନନା କରିଥିବାରୁ ତାହାର ପ୍ରତିକାର ବିଧାନ ନିମନ୍ତେ ଯୁଦ୍ଧକୁ ଯିବା ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁ ସିଦ୍ଧ ବାସେଳୀଙ୍କୁ ସ୍ମରଣ କଲେ । ମା' କରୁଣାମୟୀ ସିଦ୍ଧବାସେଳୀ କଳା ଓ ଧଳା ଘୋଡ଼ା ରୂପେ ଆସି ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦୁଇଭାଇ ସୈନିକ ରୂପରେ ଦୁଇ ଘୋଡ଼ାରେ ବସି ଆଗରେ କାଞ୍ଚି ଯୁଦ୍ଧକ୍ଷେତ୍ର ଆଡ଼କୁ ଅଗ୍ରସର ହେଲେ। ସୁଦ୍ଧ ଶେଷରେ ରାଜା ପୁରୁଷୋତ୍ତମ କାଞ୍ଚି ଯୁଦ୍ଧରେ କାଞ୍ଚିରାଜାଙ୍କୁ ପରାସ୍ତ କରି ତାଙ୍କର ସୁନ୍ଦରୀ କନ୍ୟା ପଦ୍ମାବତୀଙ୍କ ସହ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ସିଦ୍ଧ ବାସେଳୀଙ୍କୁ ବର ଦେଲେ ତୁମେ ଦୁହେଁ କୈବର୍ତ୍ତଙ୍କର ଇଷ୍ଟଦେବୀ ରୂପେ ପୂଜା ପାଇ ଖ୍ୟାତ ହେବ । ପୁରୀସହରରେ ବାସେଳୀ ସାହି ବା ଘୋଡ଼ା ବାସେଳୀ ସାହି ନାମରେ ଏକ ସାହି ରହିଛି । ଏଠାରେ କୈବର୍ତ୍ତଙ୍କର ଇଷ୍ଟଦେବୀ ରୂପେ ଘୋଡ଼ା ବାସେଳୀ ଅଦ୍ୟାବଧି ପୂଜିତ ହେଉଛନ୍ତି । ପୁରୀ ସହରରେ ପ୍ରାୟ ୩୨ ଘୋଡ଼ା ପ୍ରତିମା ବିଭିନ୍ନ ସାହିରେ କୈବର୍ତ୍ତଙ୍କର ଗୃହରେ ପୂଜା ପାଉଅଛନ୍ତି । ଚୈତ୍ର ପୂର୍ଣ୍ଣିମା ଦିନ ପୂଜା ପାଇଁ ତାର ପରଦିନ ପରିଚ୍ଛାଙ୍କ ଗୃହକୁ ଯାଇ ସେଠାରୁ ପଣା ଭୋଗ କାଇ ରାଜାଙ୍କ ସିଂହଦ୍ୱାରଠାରେ ଆସି ସମସ୍ତ ବାସେଳୀ ଠାକୁରାଣୀ ମିଳିତ ହୋଇଥାନ୍ତି । ଯୋଡ଼ି ମହୁରୀ ଓ ଢୋଲବାଦ୍ୟର ତାଳେ ତାଳେ ଘୋଡ଼ା ବାସେଳୀଙ୍କ ନାଚରେ କୈବର୍ତ୍ତଗଣ ମଜ୍ଜି ଯାଇଛନ୍ତି । ବଡ଼ ଦଣ୍ଡ ହରିବୋଲ ହୁଳହୁଳି ଓ କରତାଳିରେ ପ୍ରକମ୍ପିତ ହୋଇ ଉଠୁଛି ପଡୁଛି । ଏହି ସମୟରେ ପୁରୀ ରାଜା ଗଜପତି କୈବର୍ତ୍ତମାନଙ୍କୁ ପ୍ରଶ୍ନ ପଚାରିଛନ୍ତି, ମା'ବାସେଳୀଙ୍କର ଅପାର ମହିମା, ମା'ବାସେଳୀଙ୍କର ଅପାର ଶକ୍ତି ବିଷୟରେ । ଜଣେ କୈବର୍ତ୍ତ ଉତ୍ତର ଦେଲେ ଆପଣ ସମ୍ମୁଖରେ ରହି ମା'ସିଦ୍ଧ ବାସେଳୀଙ୍କର ପରୀକ୍ଷା ନିଅନ୍ତୁ। ରାଜା କହିଲେ ଯଦି ବାସେଳୀ ମା' ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ତେବେ ଆମ୍ଭେ ବିଶ୍ୱାସ କରିବୁ। ପୁନର୍ବାର ରାଜା କହିଲେ ମୁଁ କିଛି ମହାପ୍ରସାଦ କୋଠା ଉପରେ ରଖିଆସିଛି । ଯଦି ତୁମଠାକୁର ମହାପ୍ରସାଦ ଖାଇ ଫେରିଆସି ତାଙ୍କ ସ୍ୱସ୍ଥାନରେ ବିରାଜମାନ କରିବେ, ତାହାହେଲେ ବିଶ୍ୱାସ କରିବୁ । କୈବର୍ତ୍ତମାନେ ଘୋଡ଼ାନାଚ ଗୀତ ବୋଲିଲେ । ସଙ୍ଗେ ସଙ୍ଗେ ବତାର ପଞ୍ଚରା କାଠ ଘୋଡ଼ା ମୁଣ୍ଡ ସହିତ ଛାତ ଉପରକୁ ଉଡ଼ିଗଲେ, ଛାତ ଉପରୁ ମହାପ୍ରସାଦ ଖାଇ ପୁଣି ନିଜ ସ୍ଥାନରେ ଆସି ବିରାଜମାନ ହେଲେ । ସେହି ଦିନଠାରୁ ବାସେଳୀଙ୍କ ଉପରେ ସମସ୍ତ ପୁରବାସୀ ବିଶ୍ୱାସ କଲେ। ରାଜା ମଧ୍ୟ ତାଙ୍କର ବିଶ୍ୱାସ ହେବା ଯୋଗୁଁ ମା'ସିଦ୍ଧବାସେଳୀଙ୍କୁ ରୁପାର ହାର ଓ ରୂପାର କିରୀଟ ପ୍ରଦାନ କଲେ, ଯାହା ଅଦ୍ୟାବଧି ମା'ସିଦ୍ଧବାସେଳୀଙ୍କ ଦେହରେ ଶୋଭା ପାଉଅଛି ।

ରୋଗ ଉପଶମ କରେ ଶୀତଦିନିଆ ଖାଦ୍ୟ

ଶୀତଦିନ ଖାଇବାର ମଜା ସ୍ୱତନ୍ତ୍ର। ବଜାରସାରା ଆକର୍ଷଣୀୟ, ପୁଷ୍ଟିକର, ସୁସ୍ୱାଦୁ ତଥା ଶସ୍ତା ଶାଗ ଓ ପନିପରିବା ଏବଂ ଭଲିକି ଭଲି ଫଳ ଯାହାକୁ ଯେତେ। ଯଦିଓ ବିଳମ୍ବ ହୋଇଛି ତଥାପି ଥିରିଥିରି ହୋଇ ଶୀତ ଆସି ଦେହମନକୁ ରୋମାଞ୍ଚିତ କଲାଣି। ଉଷୁମ ଖାଦ୍ୟ ପ୍ରତି ଆକର୍ଷଣ ବଢ଼ିଥିବା ବେଳେ କୋଲ୍ଲିଙ୍କସ୍ ପରି ମୃଦୁପାନୀୟ ଆଉ ତୁଣ୍ଡକୁ ସୁଆଦ ଲାଗୁନି। ତେଣୁ ଏହି ଋତୁଟା ସ୍ୱାସ୍ଥ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର। ଶୀତଦିନରେ କେଉଁ ଖାଦ୍ୟ ଖାଇଲେ ଶରୀରକୁ କ'ଣ ଫାଇଦା ମିଳୁଛି।

ଶୀତଦିନେ ବେଶୀ ମିଳେ ପାଳଙ୍ଗ, ମେଥି, ସୋରିଷ ଓ ମୂଳା ଶାଗ। ଶାଗ ମାତ୍ରକେ ଭିଟାମିନ୍-'ଏ' (ବିଟା-ଭିଟାମିନ୍), ଭିଟାମିନ୍ 'ସି', ଭିଟାମିନ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନରେ ସମୃଦ୍ଧ। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ 'ଓମେଗା ଥ୍ରି' ନାମକ ଫ୍ୟାଟ୍ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ୍ 'ସି', ଭିଟାମିନ୍ 'ଇ', ଚ।କୋ।ସା।ଇନୋ।ଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନ୍ଏଡ୍ସ ଜାତୀୟ ଆଣ୍ଟିଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଓ ବିଭିନ୍ନ ପ୍ରକାର କ୍ୟାନ୍ସର୍ ଜାତ ହେବାରେ ଆଶଙ୍କା ହ୍ରାସପାଏ।

ଏହି ଋତୁରେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରୁ ମିଳେ ବିଟାକାରୋଟିନ୍ ଭିଟାମିନ୍ 'ସି', ସାଆନିଡିନ୍, ଲିଉଟିନ୍ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ। ବିଟ୍ରୁ ବେଶୀ ମିଳେ ଭିଟାମିନ୍ 'ଏ', 'ବି', 'ସି', 'କେ', ପୋଟାସିୟମ୍ ଓ ଫୋଲେଟ୍। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳରେ ରହିଛି ବିଟା କାରୋଟିନ୍ ଓ ଭିଟାମିନ୍ 'ସି' ଭଳି ଆଣ୍ଟି ଅକ୍ସିଡାଣ୍ଟ ଓ ବେଶି ଖାଦ୍ୟତନ୍ତୁ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏଥିରେ ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜରମାତ୍ରା ବିଶେଷ ବଢ଼ିନଥାଏ।

ମୂଳା ଓ କୋବି ହେଉଛି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା। ମୂଳାରେ ରହିଥାଏ ପ୍ରଚୁର ଭିଟାମିନ୍, ଖଣିଜ ଲବଣ ଓ କାଟେଚିନ୍, ପାଇରୋଗାଲ୍ଲୋଲ, ଭାନିଲିନ୍ ଏବଂ ଅନ୍ୟାନ୍ୟ ଫିନୋଲିକ୍ ଯୌଗିକ ଭଳି ଆଣ୍ଟି ଅକ୍ସିଡାଣ୍ଟ। ଏଗୁଡ଼ିକରେ କ୍ୟାଲୋରି, ଶ୍ୱେତସାର ଓ ସ୍ନେହସାର କମ୍ ରହୁଥିବାରୁ ହୃଦ୍ରୋଗୀ, ଡାଇବେଟିସ୍ ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ ଓ ମେଦବହୁଳ ଆକ୍ରାନ୍ତ ରୋଗୀମାନେ ଏଗୁଡ଼ିକୁ ଯେତେଇଚ୍ଛା ସେତେ ଖାଇପାରିବେ।

ଶିମ୍ବରୁ ମିଳେ 'ଡେଡଜେନ୍' ଜାତୀୟ ବିଶେଷ ଧରଣର ଆଇସୋଫ୍ଲାଭୋନ୍, ଯାହା ସ୍ତନ କର୍କଟ ବିରୋଧୀ। ଶିମ୍ବରେ ଥିବା ବିଟା ସାଇଟୋଷ୍ଟିରଲ୍ ନିବାରଣ କରେ ଉଚ୍ଚ ରକ୍ତଚାପ ଏବଂ ଏଲ୍-ଡୋପା ନାମକ ଉପାଦାନଟି ପାର୍କିନ୍ସନ୍ ରୋଗ ପ୍ରତିରୋଧ କରିବା ସହ ମିଜାଜକୁ ଭଲ ରଖେ। ବିନ୍ସରେ ଅଛି ଅଧିକ ପରିମାଣର ଭିଟାମିନ୍ ସି, ଲିଉଟିନ୍, ଜିଜାନ୍ଥିନ୍ ଜାତୀୟ ଅତି ଫଳପ୍ରଦ ଆଣ୍ଟି ଅକ୍ସିଡାଣ୍ଟ। ନିୟମିତ ଭାବରେ ବିନ୍ସ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିପାଏ ଏବଂ ମଧୁମେହ, ହୃଦରୋଗ, କାଟାରିକ୍ଟ ଆଦି ରୋଗ ଜାତ ହେବାର ଆଶଙ୍କା ହ୍ରାସ ପାଏ। ଶୀତଦିନେ ମିଳେ କମଳା, ଲେମ୍ବୁ, ଡାଳିମ୍ବ, ସେଓ, ଅଙ୍ଗୁର, ଅଁଳା ଆଦି ଫଳ।



କମଳାରେ ରହିଛି ଭିଟାମିନ୍ 'ସି' ଓ ଫଲିକ୍ ଏସିଡ୍, ବିଟା କାରୋଟିନ୍, ଲିଉଟିନ୍ ଏବଂ ଜିଜାନଥିନ୍ ଜାତୀୟ ଫ୍ଲାଭୋଏନ୍ଡସ୍। ଏଥିରୁ ମିଳୁଥିବା ହେସ୍ପରିଡିନ୍ ନାମକ ଫ୍ଲାଭୋଏନ୍ଡସ୍ ଏଲ୍ଡିଏଲ୍ କୋଲେଷ୍ଟରଲ୍ ଭଳି କ୍ଷତିକାରୀ କୋଲେଷ୍ଟର୍ଲର ମାତ୍ରା ହ୍ରାସ କରିଥାଏ। ଲେମ୍ବୁରୁ ମିଳୁଥିବା ଭିଟାମିନ୍ 'ସି' ଓ ଲିମୋନିନ୍ କ୍ୟାନ୍ସର୍ ବିରୋଧୀ। ଏଗୁଡ଼ିକ ହୃଦ୍ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍ସର୍, ଆଲଜିମର୍ସ ଓ ପାର୍କିନ୍ସନ୍ ରୋଗ ପ୍ରତିରୋଧରେ ଖୁବ୍ ସହାୟକ ହୋଇଥାନ୍ତି।

ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ। ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି। ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଲୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଶ୍ଲୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ। ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ। ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି। ବିଭିନ୍ନ ହିନ୍ଦୁ ଧର୍ମଗ୍ରନ୍ଥରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ। ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରତ୍ମକ ରଖିଥାଏ। ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ। ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ। ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା।ଗୋ। ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି। ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ। ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି। ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ। ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି । ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ। ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ। ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।

ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ଆପଣାନ୍ତୁ ଏହି ଜିନିଷ

କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ



ଚମକଦାର ତ୍ୱଚା ଦେଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ। ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ। ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ୍ୟ ବ୍ୟବହାର କରି ପାରିବେ।

■ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଲାକ୍ଟାଜ, ପ୍ରୋଟିନ୍ ,କ୍ୟାଲସିୟମ୍, ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି। ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ,ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ। ଫଳରେ ସ୍କିନ୍ ମଇଶ୍ଚରାଇଜ ହୋଇଥାଏ।

■ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ। ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ।

କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ। ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ। ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ। ଆସନ୍ତୁ ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି

■ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ। କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ଡେଡ ସ୍କିନକୁ ଏକ୍ସଫାଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ। କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ।

■ କଞ୍ଚା କ୍ଷୀର ଆପଣଙ୍କୁ ସୁନ୍ଦର

ନଗରନକ୍ସା ମହାନଗରର ନିଜ ଭାଷା

ରବିବାର, ୧୫ ନଭେମ୍ବର, ୨୦୨୬

ବିଜେପି ଜିତିଲେ ଭୋଟ୍ ଚୋରି, କଂଗ୍ରେସ ଜିତିଲେ ସବୁ ଠିକ

ଭୁବନେଶ୍ୱର,୧୪।୧୧ (ମହାଭାରତ): କଂଗ୍ରେସ ନିର୍ବାଚନ ଜିତିଲେ ସବୁ ଠିକ୍, କିନ୍ତୁ ମାତ୍ର ବିଜେପି ଜିତିଲେ ଭୋଟ୍ ଚୋରି ଅଭିଯୋଗ ସେମାନଙ୍କ ଦୋମୁହାଁ ନୀତିର ପରିଚୟ ବୋଲି ଗୁରୁବାର ଢେଙ୍କାନାଳ ଠାରେ ଅନୁଷ୍ଠିତ "ଲୋକତନ୍ତ୍ର ବଂଚାଓ – ଅରାଜକତା ହଟାଓ" ପଦଯାତ୍ରା ଓ ସାଧାରଣ ସଭାରେ ଯୋଗଦେଇ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ବୀର ପ୍ରସବିନୀ ଢେଙ୍କାନାଳ ମାଟିର ସର୍ବକନିଷ୍ଠ ଶହୀଦ ବାଜି ରାଉତ, ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ବିପ୍ଳବୀ ସାରଙ୍ଗଧର ଦାସ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ ଏବଂ ମହେଶ ଚନ୍ଦ୍ର ସୁବାହୁ ସିଂହଙ୍କ ସ୍ମୃତିଚାରଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମହାନ ସଂଗ୍ରାମୀମାନଙ୍କର ଅତୁଳନୀୟ ତ୍ୟାଗ ଓ ବଳିଦାନ ଯୋଗୁଁ ଆଜି ଆମେ ଏକ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଶ୍ୱାସ ନେଉଛୁ। ବିରୋଧୀ ଦଳଗୁଡ଼ିକର ଆଚରଣ ଉପରେ ତୀବ୍ର ପ୍ରତିକ୍ରିୟା ରଖି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଗଣତନ୍ତ୍ରର ବାସ୍ତବ ଶକ୍ତି ଯୋଗୁଁ ଆଜି ଓଡ଼ିଶାର ଜଣେ ଜନଜାତି ଘରର ଝିଅ ଆଦରଣୀୟ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜୀ ଦେଶର ରାଷ୍ଟ୍ରପତି ଏବଂ ଜଣେ ସାଧାରଣ ଚା'-ବିକାଳିଙ୍କ ପୁଅ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । କିନ୍ତୁ ଦୀର୍ଘ ସମୟର ଶାସନ କାଳରେ



ଜନସେବା ନକରି ଦେଶକୁ କେବଳ ନିଜ ପରିବାରର ସମ୍ପତ୍ତି ଭାବୁଥିବା କଂଗ୍ରେସ ଓ 'ଇଣ୍ଡି' ମେଂଟର ଶୀର୍ଷ ନେତୃତ୍ୱ ଏହି ଗରିବ ଓ ଜନଜାତିଙ୍କ ନେତୃତ୍ୱକୁ କଦାପି ସହ୍ୟ କରିପାରୁନାହାନ୍ତି।

କଂଗ୍ରେସର ଦୋମୁହାଁ ନୀତିକୁ ସମାଲୋଚନା କରି ସାଂସଦ କହିଛନ୍ତି ଯେ, କଂଗ୍ରେସ ଯେଉଁଠି ଜିତୁଛି ସେଠାରେ ଭୋଟ୍ ଚୋରି ହେଉନାହିଁ, ମାତ୍ର ବିଜେପି ଜିତିଲେ ଭୋଟ୍ ଚୋରି ହେଉଛି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ବିଜେପି ଯେଉଁଠି ନିର୍ବାଚନ ହାରୁଛି, ତାକୁ ଜନମତ ଭାବି ମୁଣ୍ଡପାତି ସ୍ୱୀକାର କରୁଛି। 'ଅଙ୍ଗୁର କୋଳି ନ ପାଇଲେ ଖଟା' ସଦୃଶ ଓଡ଼ିଶା ସମେତ ଦେଶର ଅନେକ ରାଜ୍ୟରେ ବାରମ୍ବାର ନିର୍ବାଚନୀ ପରାଜୟରେ ହତାଶ ହୋଇ କଂଗ୍ରେସ ଓ 'ଇଣ୍ଡି' ମେଂଟ ନେତାମାନେ ଆଜି ସଂସଦକୁ ଅଚଳ କରିବା ସହ ଗଣତନ୍ତ୍ର, ସମ୍ବିଧାନ, ନିର୍ବାଚନ ଆୟୋଗ ଏବଂ ଜନମତ ବିରୋଧରେ ମିଥ୍ୟା ଅପପ୍ରଚାର ଚଳାଇଛନ୍ତି। ଭୋଟ୍ ଚୋରି ଓ ଭୋଟର ତାଲିକା ଶୁଦ୍ଧୀକରଣ (ଏସଆଇଆର) ପ୍ରକ୍ରିୟାକୁ ନେଇ କଂଗ୍ରେସ ଓ 'ଇଣ୍ଡି' ମେଂଟ ଆଜି କୁମ୍ଭୀର କାନ୍ଦଣା କାନ୍ଦୁଛି। ପ୍ରକୃତରେ ସେମାନେ ସାଧାରଣ ଜନତାଙ୍କ ଅଧିକାର ପାଇଁ ନୁହେଁ, ବରଂ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ଏହି ମିଥ୍ୟା କାହାଣୀ ରଚୁଛନ୍ତି। ବାବରୀ ମସଜିଦ୍ କୁ ନେଇ କାନ୍ଦଣା, ବଟଲା ହାଉସ୍ ଏନକାଉଣ୍ଟରରେ ଆତଙ୍କବାଦୀଙ୍କ ପାଇଁ ସମବେଦନା ଏବଂ ଦେଶର ସେନାର ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ପ୍ରଶ୍ନ ଉଠାଇବା ସେମାନଙ୍କର ତୁଷ୍ଟୀକରଣ ଓ ଦେଶବିରୋଧୀ ଚେହେରାକୁ ପଦାରେ ପକାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ 'ଡବଲ୍ ଇଞ୍ଜିନ୍ ସରକାର' ଆଜି ଓଡ଼ିଶାର ପ୍ରତ୍ୟେକ ଗରିବ, ଚାଷୀ, ମହିଳା ଓ ଯୁବବର୍ଗଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। ରାଜ୍ୟରେ ବିକାଶର ଏହି ଅଭିଯାନକୁ ଆହୁରି ଗତିଶୀଳ କରିବା ସହ ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ସୁରକ୍ଷା ଦେବା ପାଇଁ ଏକାଠି ହୋଇ କଂଗ୍ରେସ ଓ 'ଇଣ୍ଡି' ମେଂଟର ଅରାଜକତା ବିରୋଧରେ ଗାଁ ଗାଁରେ ଜନଜାଗରଣ ସୃଷ୍ଟି କରିବା ଏବଂ "ଲୋକତନ୍ତ୍ର ବଂଚାଓ – ଅରାଜକତା ହଟାଓ" ସ୍ଲୋଗାନକୁ ଘରେ ଘରେ ପହଂଚାଇବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

ସ୍କାଉଟସ୍ ଏବଂ ଗାଇଡସ୍ କ୍ୟାମ୍ପ 'ଚେତନା' ଉଦଘାଟିତ

ଭୁବନେଶ୍ୱର, ୧୪।୧୧ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ କ୍ୟାମ୍ପ "ଚେତନା" ତା୧୦.୧୧.୨୦୨୬ ରିଖ ସନ୍ଧ୍ୟା ୫ ଘଟିକା ସମୟରେ ଉଦ୍‌ଘାଟିତ ହୋଇଅଛି। ୨୩ ଗୋଟି ଜିଲ୍ଲାରୁ ୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍ ଏହି କ୍ୟାମ୍ପ୍‌ରେ ଯୋଗଦାନ କରିଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ବାବୁ ସିଂହ, ମାନ୍ୟବର ବିଧାୟକ ଭୁବନେଶ୍ୱର (ଏକାମ୍ର) ପ୍ରଦୀପ ପ୍ରକ୍ରଳନ କରି ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ଏହି "ଚେତନା" କ୍ୟାମ୍ପର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଟି.ସାର୍ଟକୁ



ଲୋକାର୍ପଣ କରିବା ସହିତ ଏହି କ୍ୟାମ୍ପରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ପାରସ୍ପରିକ ସ୍ନେହ ଓ ବନ୍ଧୁତା ସ୍ଥାପନ ପୂର୍ବକ ସମାଜରେ ଭାଇଚାରାର ଭାବ ଉଦ୍ରେକ କରିବା ପାଇଁ ପ୍ରେରଣାଦାୟକ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ସିଂହ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ପିଲାମାନଙ୍କ ମଧ୍ୟରେ ଦଳଗତ ନୃତ୍ୟ, କ୍ଷୁଦ୍ର ନାଟକ, ଖାଦ୍ୟମେଳା, ଯୋଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଅନାମିକା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

ଭୁବନେଶ୍ୱର,୧୪।୧୧ (ମହାଭାରତ): ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ନଦୀ ଉପରେ ପ୍ରସ୍ତାବିତ ବହୁ ପ୍ରତୀକ୍ଷିତ ବାଙ୍କତିରା ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନୂଆ ଗତି ମିଳିଛି। ଦୀର୍ଘଦିନ ଧରି ଜମି ଅଧିଗ୍ରହଣକୁ ନେଇ ରହିଥିବା ପ୍ରତିବନ୍ଧକ ଦୂର ହେବା ସହ ଏବେ କ୍ଷତିପୂରଣ ପ୍ରଦାନ ପର୍ଯ୍ୟାୟରେ ପହଂଚିଛି। ଏହି ପରିପ୍ରେକ୍ଷୀରେ ଶନିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଜମିର ଦଖଲ ଆସନ୍ତା ୧୫ ନଭେମ୍ବର ସୁଦ୍ଧା ହସ୍ତାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି।

ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍ ରେ ଅବସ୍ଥିତ ଏହି ପ୍ରକଳ୍ପ ଉତର ଓଡ଼ିଶାର କୃଷି ସମୃଦ୍ଧି ଓ ଜଳ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଏବଂ ବାଲେଶ୍ୱର ଜିଲ୍ଲାର ରେମୁଣା, ବାଲେଶ୍ୱର ସଦର ଓ ବସ୍ତା ବ୍ଲକ୍ ର ୧୨୦ଟି ଗ୍ରାମର ପ୍ରାୟ ୨୧,୨୬୯ ଜଣ ଲୋକ ଉପକୃତ ହେବା ସହ ପ୍ରାୟ ୭,୩୦୦ ହେକ୍ଟର ଜମିକୁ ଖରିଫ ଋତୁରେ ସୁନିଶ୍ଚିତ ଜଳସେଚନ ସୁବିଧା ମିଳିବ।

ଏହାସହ ବ୍ୟାରେଜ୍ ରୁ ବାଲେଶ୍ୱର ପୌରାଂଚଳକୁ ଦୈନିକ ୬୦ ନିୟୁତ ଲିଟର ଏବଂ ବାଲେଶ୍ୱର ସଦର ଓ ରେମୁଣା ବ୍ଲକ୍ ର ୩୪ଟି ଗ୍ରାମ ପଂଚାୟତକୁ ଦୈନିକ ୪୦ ନିୟୁତ ଲିଟର ଜଳ ଯୋଗାଣ ସମ୍ଭବ ହେବ। ଏଥିସହିତ ଏହି ବ୍ୟାରେଜ୍ ରେ ସଂରକ୍ଷିତ ଜଳ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ୍ ରେ ଥିବା ବର୍ତମାନର ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ପ୍ରାୟ ୨,୦୦୦ ହେକ୍ଟର ଜମିକୁ ଖରିଫ ଋତୁରେ ନିରବଚ୍ଛିନ୍ନ ଜଳସେଚନ ଯୋଗାଇବାରେ ସହାୟକ ହେବ।

ପ୍ରକଳ୍ପ ପାଇଁ ଡାକୁଳି, ଗଣ୍ଡାର୍ଡ ଓ ତାଳମେଢ଼ି ଗ୍ରାମରେ ଥିବା ମୋଟ ୭.୯୮ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରକ୍ରିୟା ଏବେ କ୍ଷତିପୂରଣ ପ୍ରଦାନ ପର୍ଯ୍ୟାୟରେ ପହଂଚିଛି। ଅନ୍ୟପକ୍ଷରେ, ଆବଶ୍ୟକୀୟ ଜଙ୍ଗଲ ଜମି ଅନୁମୋଦନ ମଧ୍ୟ ମିଳିସାରିଛି। ସରକାରୀ ସ୍ତରରେ ନିରନ୍ତର ଉଦ୍ୟମ, ତ୍ୱରିତ ପଦକ୍ଷେପ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଯୋଗୁଁ ଜମି ଅଧିଗ୍ରହଣ ସମ୍ପର୍କିତ ଦୀର୍ଘଦିନର ସମସ୍ୟାର ସମାଧାନ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ସମ୍ଭବ ହୋଇଛି।

ଗ୍ରାମୀଣ ଯୁବକଯୁବତୀଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ଭୁବନେଶ୍ୱର, ୧୪।୧୧ (ମହାଭାରତ): ଗ୍ରାମୀଣ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗକୁ ଅଧିକ ସୁଦୃଢ଼ କରିବା ସହ ଡିଡିୟୁ-ଜିକେୱାଇ ୨.୦ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରଠାରେ ଦୁଇଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ତଥା ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓରମାସ୍) ପକ୍ଷରୁ ଆୟୋଜିତ ଏହି ଶିବିରରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ (ଏମ୍ଓଆରଡି), ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍ଆଇସି), ନାବାର୍ଡକନ୍‌ସଲ୍ଟାନ୍ସି ସର୍ଭିସେସ୍ (ନାବକନ୍ସ), ଜାତୀୟ ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ପ୍ରତିଷ୍ଠାନ (ଏନ୍.ଆଇ.ଆର.ଡି.ପି.ଆର) ଏବଂ ବୈଷୟିକ ସହାୟତା ସଂସ୍ଥା (ଟିଏସ୍ଏ) ଗ୍ରାଂଟ ଥର୍ଟନ ଭାରତ ଏଲ୍ଏଲ୍‌ପିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପିଆଇଏ)ର ପ୍ରତିନିଧି, ବୈଷୟିକ ବିଶେଷଜ୍ଞ ଓ ରାଜ୍ୟର ବିଭିନ୍ନ



ଅଂଚଳରୁ ଯୋଜନା ସହ ଜଡ଼ିତ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ପାଇଁ ଦକ୍ଷତା ବିକାଶ ଓ ନିଯୁକ୍ତି ସୃଷ୍ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରଯୁବଶକ୍ତି ହେଉଛନ୍ତି ରାଜ୍ୟର ସବୁଠାରୁ ବଡ଼ ସମ୍ପଦ। ତେଣୁ ଗ୍ରାମାଂଚଳର ଯୁବକଯୁବତୀଙ୍କୁ ଶିଳ୍ପ ଓ ବଜାରର ଆବଶ୍ୟକତା ଅନୁଯାୟୀ ଦକ୍ଷତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ବିଶେଷକରି ଆଦିବାସୀ ବହୁଳ ଅଂଚଳ, କେବିକେ, ଆକାଂକ୍ଷୀ ଜିଲ୍ଲା ଓ ପଶ୍ଚିମ ଓଡ଼ିଶାରଯୁବକଯୁବତୀଙ୍କ ମଧ୍ୟରେ ରହିଥିବା ଅପାର ସମ୍ଭାବନାକୁ ଉପଯୋଗ କରିବା ସହ ଅର୍ଥନୀତିର ବିଭିନ୍ନ ଅଭିବୃଦ୍ଧିଶାଳ କ୍ଷେତ୍ରରେ ଉପଲବ୍ଧ ନିଯୁକ୍ତି ସୁଯୋଗର ଲାଭ ଉଠାଇବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଓରମାସ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ କହିଥିଲେ ଯେ, ଡିଡିୟୁ-ଜିକେୱାଇ ମାଧ୍ୟମରେ ଗ୍ରାମୀଣ ଯୁବକଯୁବତୀଙ୍କ ଜୀବିକା ସୁଦୃଢ଼ କରିବା ସହ ସେମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଓରମାସ୍ ପ୍ରତିବଦ୍ଧ। ଏହି ଯୋଜନା ଆରମ୍ଭରୁ ଏଯାବତ୍ ରାଜ୍ୟରେ ପ୍ରାୟ ୨.୧୦ ଲକ୍ଷ ଗ୍ରାମୀଣ ଯୁବକଯୁବତୀ ପ୍ରଶିକ୍ଷଣ ପାଇଥିବା ବେଳେ ୧.୨୩ ଲକ୍ଷରୁ ଅଧିକ ପ୍ରାର୍ଥୀ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ୨୦୨୫-୨୦୨୮ ମଧ୍ୟରେ ଓଡ଼ିଶାକୁ ୬୨,୦୫୦ ଗ୍ରାମୀଣ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେବାର ଦାୟିତ୍ୱ ଦିଆଯାଇଥିବା ବେଳେ ଏଥିପାଇଁ ପ୍ରାୟ ୭୫୦ କୋଟି ଟଙ୍କାର ବ୍ୟୟବରାଦ ଅନୁମୋଦିତ ହୋଇଛି। ଏହି ଯୋଜନାରେ ଇତିମଧ୍ୟରେ ୧୧୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପ୍ରଶିକ୍ଷଣର ଗୁଣାତ୍ମକ ମାନ, ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟକାରିତା ଏବଂ ଯୁବକଯୁବତୀଙ୍କୁ ଉପଯୁକ୍ତ ନିଯୁକ୍ତି ପ୍ରଦାନ ଉପରେ ଏବେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଏନ୍ଆଇସି, ନାବକନ୍ସ ଓ ଏନ୍ଆଇଆରଡିପିଆରର ପ୍ରତିନିଧି ଏବଂ ଡିଡିୟୁ-ଜିକେୱାଇର କାର୍ଯ୍ୟକାରିତା ଓ ତଦାରଖ ସହ ଜଡ଼ିତ ଓରମାସ୍ ର ଅଧିକାରୀମାନେ ଉପସ୍ଥିତ ଥିଲେ।

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ ପକ୍ଷରୁ ମାଣ୍ଡିଆ ଦିବସ

ଭୁବନେଶ୍ୱର, ୧୪।୧୧ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍)ର କ୍ଷେତ୍ର ବିଜ୍ଞାନ ବିଭାଗ, ବିଶ୍ୱ ଜୀବନ ସେବା ସଂଘ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲଦାର ଅ'ର୍ଗତ ଗୋପାଳପ୍ରସାଦ ଗ୍ରାମରେ ମାଣ୍ଡିଆ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ମାଣ୍ଡିଆର ପୁଷ୍ଟିକର ଗୁଣ, ସ୍ୱାସ୍ଥ୍ୟ ଉପକାରିତା, ବୈଜ୍ଞାନିକ ପଦ୍ଧତିରେ ଚାଷ ଏବଂ ଏହାର ଆର୍ଥିକ ଓ ବାଣିଜ୍ୟିକ ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିଥିମାନେ ମାଣ୍ଡିଆ ଓ ଲଘୁ ଶସ୍ୟ ଆଧାରିତ ପ୍ରଦର୍ଶନୀ ଉଦ୍‌ଘାଟିତ କରାଯାଇଥିବା ବେଳେ କୃଷିକ୍ଷେତ୍ର ପରିଦର୍ଶନ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ



ଯୋଗଦେଇ କହିଥିଲେ ଯେ ମାଣ୍ଡିଆରେ ପୋଷକ ଗୁଣ, ଚାଷ ପ୍ରଣାଳୀ, ଆର୍ଥିକ ଲାଭ ଓ ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହାର ଅନୁକୂଳ ପ୍ରଭାବ ପଡିଥାଏ। କେବଳ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକାର ନୁହେଁ ବରଂ ଏହାର ଚାହିଦା ବର୍ତମାନ ବହୁମାତ୍ରାରେ ବଢିବାକୁ ଲାଗୁଛି। ମାଣ୍ଡିଆକୁ କିପରି ଚାଷ କରିବା ଏବଂ ଅମଳ କରିବାରେ କଣ ସବୁ ସମସ୍ୟା ଦେଖାଯାଉଛି ତାହା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ବୋଲି ସେ ଚାଷୀମାନଙ୍କୁ ଆହ୍ୱାନ ଦେବା ସହିତ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ।

ଏହି ଅବସରରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଅଧ୍ୟକ୍ଷତା କରିବା ସହିତ ଏହି ଦିବସର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। କନ୍ଧମାଳର ଅବସରପ୍ରାପ୍ତ ଉପକୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ମନୋରଂଜନ ମିଶ୍ର, ଓଡିଶା ବିଶ୍ୱ ଜୀବନ ସେବା ସଂଘର ସାଧାରଣ ସମ୍ପାଦକ ବୈଦ୍ୟନାଥ ବରାଳ ଓ ଟାଙ୍ଗୀ ସ୍ଥିତ ଗୋପାଳପ୍ରସାଦ ଗ୍ରାମର ସରପଂଚ ଶ୍ରୀମତି ପ୍ରିୟମ୍ବଦା ବେହେରା ଯୋଗଦେଇ ମାଣ୍ଡିଆର ପୋଷଣୀୟ ମୂଲ୍ୟ, ମାନବ ସ୍ୱାସ୍ଥ୍ୟ ପାଇଁ ଏହାର ଉପାଦେୟତା ଏହାକୁ କିପରି ଉନ୍ନତ ଚାଷୀ ପ୍ରଣାଳୀ ତଥା କୃଷକଙ୍କ ଆୟ ବୃଦ୍ଧି ଓ ବଜାର ସମ୍ଭାବନାରେ ଏହାର ଭୂମିକା ବିଷୟରେ ନିଜ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଆଇଏଏସ୍‌ର ଛାତ୍ରଛାତ୍ରୀମାନଙ୍କର ଦ୍ୱାରା ଏକ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା। ଏଥିରେ 'ବୈଜ୍ଞାନିକ ପ୍ରଣାଳୀରେ ଲଘୁଶସ୍ୟ ଚାଷ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିବାବେଳେ ପ୍ରଗତିଶୀଳ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ସହିତ ମାଣ୍ଡିଆ ଚାଷର ବିଭିନ୍ନ ବୈଜ୍ଞାନିକ ଦିଗ ଉପରେ ଆଲୋଚନା ଓ କୃଷକମାନଙ୍କ ମତ ବିନିମୟ କରାଯାଇଥିଲା।

ଦେଶପ୍ରେମର ଶିକ୍ଷା ପ୍ରଦାନ କରୁଛି ଗୌରବ ଇଣ୍ଟରନ୍ୟାସନାଲ୍ ସ୍କୁଲ

**ଭୁବନେଶ୍ୱର,୧୪।

ଗରିବଙ୍କୁ ଆବାସ

କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଷ୍ଠିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଶ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି।

ଫୋନରେ ଅଭ୍ୟାସଗତ ବ୍ୟସ୍ତତା : 'ଫବିଙ୍ଗ'

॥ ଗୋପବନ୍ଧୁ ॥

ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ। ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି। ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ। ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ କାର୍ଯ୍ୟ, ନିଜ କର୍ମ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ ଜୀବନର କର୍ତ୍ତବ୍ୟବୋଧ ମଧ୍ୟ ରହିଛି।

ଆଜିକାଲି ଏକ ପ୍ରକାର ଦୁନିଆ ତ ସହଯେ ମୋବାଇଲକୁ ନେଇ ଯେତିକ ଆଲୋଚନା ରଖୁଛି ତାଠାରୁ ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଆପଣମାନଙ୍କ ଆଖି ସାମ୍ନାରେ ବସିଥିବା ଲୋକଟି ଯଦି କଥାବାର୍ତ୍ତା ହେଉଥିବା ସମୟରେ ମଧ୍ୟ ମୋବାଇଲକୁ ନେଇ ଅନ୍ୟମନସ୍କ ହେଉଥିବା। କେବଳ ସେତିକି ନୁହେଁ ଖାଇବା ପିଇବା ହେଉ ବା ଦୈନନ୍ଦିନ ରୁଟିନ କାର୍ଯ୍ୟ ଏହି ସମୟରେ ଜଣେ ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରତି ଧ୍ୟାନ ନଦେଇ ଫୋନରେ ବ୍ୟସ୍ତ ରହିବାକୁ ବାସ୍ତବରେ ଫବିଙ୍ଗ ସମସ୍ୟା କୁହାଯାଏ। ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟରେ ଏ ସମ୍ପର୍କରେ କରାଯାଇଥିବା ଗବେଷଣାରୁ ପ୍ରକାଶ ଯେ ଫବିଙ୍ଗ ପରି ବ୍ୟବହାର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହ ଅବସାଦ ଏବଂ ଉଦ୍‌ବିଗ୍ନତା ପରି ଅସୁସ୍ଥତାର କାରଣ ହୋଇପାରେ। ଏହି ରିପୋର୍ଟ 'ବିହେଭିୟର ଆଣ୍ଡ ଇନ୍‌ଫର୍ମେସନ ଟେକ୍‌ନୋଲୋଜି'ରେ ପ୍ରକାଶ କରାଯାଇଛି। ଏହା ସତ୍ୟ ଯେ ସ୍ମାର୍ଟଫୋନ ଗୁଡ଼ିକ ମଣିଷକୁ ଗୋଟିଏ ସମୟରେ ଏକାଧିକ କାର୍ଯ୍ୟ କରିପାରିବାରେ ସହାୟକ ହେଉଛନ୍ତି, ତେବେ ଏହା ସାମାଜିକ ଜୀବନ ପ୍ରତି କ୍ଷତିକାରକ ପ୍ରମାଣିତ ହୋଇଚାଲିଛି। ମଣିଷକୁ ଆଡ଼େଇ ଫୋନରେ ନିଜକୁ ବ୍ୟସ୍ତ ରଖିବା ଉଭୟ ସାମାଜିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଜାଣି ସୁଦ୍ଧା ଅନେକେ ଏପରି ବ୍ୟବହାର ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ ବୋଲି ଗବେଷକମାନେ କହୁଛନ୍ତି। ସାଇନ୍ସ ଡାଇରେକ୍ଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଫବିଙ୍ଗ ଲୋକମାନଙ୍କର ମୁହାଁମୁହିଁ କଥାବାର୍ତ୍ତା ବା ସାକ୍ଷାତ ଆଲୋଚନାର ଦକ୍ଷତା କମାଇ ଦିଏ। ଏହା ମଧ୍ୟ ପାରିବାରିକ ବିଶେଷକରି ବୈବାହିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଏ। କାରଣ ପାରିବାରିକ ଜୀବନ ସୁଖଦୁଃଖ, ଭଲମନ୍ଦ ଓ ଦୈନନ୍ଦିନ ଘଟଣା ପ୍ରବାହକୁ ନେଇ କିଛି ସମୟ ଯାହା ବିତେଇବା କଥା ତାହା ଏହି ଫବିଙ୍ଗ ପାଇଁ ହିଁ ଏକ ପ୍ରକାର ନଷ୍ଟ ହୋଇଯାଏ। ଏହା ମଧ୍ୟ ଏକ ଆଶ୍ଚର୍ଯ୍ୟକର ଘଟଣା ଯେ ନିତିଦିନ ଜୀବନରେ ମଣିଷ ନିଜ ଲୋକମାନଙ୍କ ପାଇଁ ଆଉ ସମୟ କାଢ଼ି ପାରୁନାହିଁ। ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ମୋବାଇଲ ଯେ ସେମାନଙ୍କ ଜୀବନକୁ କେତେ ଦୁର୍ବିସହ କରିଦେଉଛି ଏହା ସବୁଠାରୁ ବଡ଼ ପ୍ରମାଣ। ଆମ୍ଭେମାନେ ଜାଣୁଛେ ଯେ କଥାବାର୍ତ୍ତା ହେବା ଯାହା ମୋବାଇଲରେ କଥାବାର୍ତ୍ତା ହେବା ତାହାନୁହେଁ ବା ଆଜିର ସମୟର ହ୍ୱାଟସପ୍ ଚାଟିଂ ବି ସେୟା ନୁହେଁ ତାହା ସତ୍ତ୍ୱେ ଦୈନନ୍ଦିନ ଜୀବନରେ ଆମ ମାନଙ୍କ ସମୟ ଏହିପରି ଭାବେ କମି କମି ଯାଉଛି ନିଜ ଲୋକମାନଙ୍କ ପାଇଁ ଏବଂ ଆଖପାଖର ଓ ପରିଚିତ ମଣିଷମାନଙ୍କ ପାଇଁ।

ସାଧାରଣରେ ଆମେ ଆଲୋଚନା କରୁଥିବା ଏହି ଫବିଙ୍ଗ ବାସ୍ତବିକ ବର୍ତ୍ତମାନ ସମୟ ପାଇଁ ଏକ ଅତ୍ୟନ୍ତ ମନସ୍ତାତ୍ତ୍ୱିକ ଘାତକ ସମସ୍ୟା। ଏକ ଅଷ୍ଟ୍ରେଲୀୟ ବିଜ୍ଞାପନ ସଂସ୍ଥା ଫୋନ ଏବଂ ସ୍ନବିଙ୍ଗ ଦୁଇଟି ଶବ୍ଦକୁ ମିଶାଇ ଫବିଙ୍ଗ ଶବ୍ଦ ଆଣିବା ପରେ ୨୦୧୨ରୁ ଏହାର ନକାରାତ୍ମକ ପ୍ରଭାବ ଚର୍ଚ୍ଚାକୁ ଆସିଥିଲା। କିଛିଦିନ ତଳେ ବିଶ୍ୱର ଏକ ସ୍ୱାସ୍ଥ୍ୟ ଜର୍ଣ୍ଣାଲ ଏକ ବିଶେଷ ରିପୋର୍ଟ ପ୍ରକାଶ କରିଥିଲେ। ନିଜର ବିଶେଷ ଅନୁଭୂତି ପରେ କେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକ ବରୋଥ ଶୋତ୍‌ପିତାୟସୁନୋନ୍ଧ ଫବିଙ୍ଗ ସମ୍ପର୍କରେ ଗବେଷଣା କରିଥିଲେ। ସେ ଜାଣିବାକୁ ପାଇଲେ ଯେ ଏହା ଫୋନ ବ୍ୟବହାରକାରୀଙ୍କ ମାନସିକ ସ୍ଥିତି ଏବଂ ସାମାଜିକ ସମ୍ପର୍କ ଉଭୟ ଉପରେ ଯଥେଷ୍ଟ ନକାରାତ୍ମକ ପ୍ରଭାବ ପକାଉଛି। ନିଜ ଅନୁଭୂତିରୁ ବରୋଥ କହନ୍ତି ବହୁତ ଦିନ ପରେ ଏକ ଲମ୍ବା ଛୁଟି ମିଳିବାରୁ ସେ ସ୍କୁଲ ବେଳର ସାଙ୍ଗମାନଙ୍କ ସହ ଥାଇଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ବୁଲିବାକୁ ବାହାରିଲେ। ଗତ ୧୦ ବର୍ଷ ହେବ ସାଙ୍ଗମାନେ କେହି କାହାକୁ ଭେଟି ନଥିଲେ। ଏହି ଭ୍ରମଣକୁ ନେଇ ବେଶ ଉତ୍ସାହିତ ଥିଲେ ବରୋଥ। ତେବେ ତିନିଦିନ ଏବଂ ଦୁଇରାତିର ଏହି କାର୍ଯ୍ୟକ୍ରମ ବରୋଥଙ୍କୁ ଖୁବ ନିରାଶ କରିଥିଲା। ତାଙ୍କ ସାଙ୍ଗମାନେ ପରସ୍ପର ସହ ଥାଇ ବି ନଥିବା ପରି ଥିଲେ। ସମସ୍ତଙ୍କ ଆଖି ସେମାନଙ୍କ ସ୍ମାର୍ଟଫୋନରେ ଲାଖି ରହିଥିଲା। ଫେରିବା ପରେ ବରୋଥଙ୍କ ମନରେ ଗୋଟିଏ ପ୍ରଶ୍ନ ରହିଥିଲା। ଯଦି ବିଶ୍ୱର ଅଧିକାଂଶ ମଣିଷ ଏପରି ବ୍ୟବହାର ପ୍ରଦର୍ଶନ କରନ୍ତି ଏହାପରେ ସେ ମଣିଷର ଏଭଳି ମାନସିକତାକୁ ନେଇ ଗବେଷଣା ଆରମ୍ଭ କରିଥିଲେ। ଏଥିରେ ସେ ଜାଣିଥିଲେ ଯେ ଏହି ଫବିଙ୍ଗ ନାମକ ବ୍ୟବହାର ଦ୍ୱାରା ସାମ୍ନାରେ ଆଲୋଚନା ପାଇଁ ବସିଥିବା ବ୍ୟକ୍ତିଜଣକ କମ ସନ୍ତୁଷ୍ଟ ହୋଇଥାନ୍ତି। ସେ ଯାହା ସହିତ କଥା ହେବାକୁ ଆସିଥାନ୍ତି, ତାଙ୍କ ଉପରେ ତାଙ୍କର ବିଶ୍ୱାସ କମିଯାଏ। ଏପରିକି ଉକ୍ତ ବ୍ୟକ୍ତିଙ୍କ ମନରେ ନୈରାଶ୍ୟ ଆସିପାରେ। ଫବିଙ୍ଗ ପରିବେଶ ଏବଂ ସମ୍ପର୍କରେ ନକାରାତ୍ମକତା ବଢ଼ାଇ ଦିଏ। ଥାଇଲାଣ୍ଡ, ଏସୀୟ ତଥା ୟୁରୋପୀୟ ଦେଶର ମୋବାଇଲ ବ୍ୟବହାରକାରୀଙ୍କ ଆଚରଣରେ ଯଥେଷ୍ଟ ପାର୍ଥକ୍ୟ ଥିବା ବରୋଥ ଜଣାଇଛନ୍ତି। ଥାଇଲାଣ୍ଡରେ ଲୋକେ ଦିନକୁ ପ୍ରାୟ ପାଞ୍ଚଘଣ୍ଟା ମୋବାଇଲ ଫୋନରେ ଲାଗିଥିବା ବେଳେ ଇଂଲଣ୍ଡରେ ଏହି ସମୟ ଅଢ଼େଇ ଘଣ୍ଟା।

ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ। ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି। ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ। ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ କାର୍ଯ୍ୟ, ନିଜ କର୍ମ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଜୀବନର କର୍ତ୍ତବ୍ୟବୋଧ ମଧ୍ୟ ରହିଛି। କିନ୍ତୁ ସମସ୍ତେ ଏହାକୁ ପାଳନ କରିପାରୁନାହାଁନ୍ତି। ଏହା ଦିନକୁ ଦିନ ଏପରି ଜଟିଳ ଆଡ଼କୁ ଜଣକୁ ମୁହାଁଉଛି ଯେ ପରବର୍ତ୍ତୀ ସମୟରେ ଏହା ତାର ସ୍ୱାସ୍ଥ୍ୟଗତ ଜୀବନ, ବ୍ୟକ୍ତିଗତ ଜୀବନ ଓ ଦାମ୍ପତ୍ୟ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି। ଏହା ଜାଣିମଧ୍ୟ ଅଜଣା ଭାବେ ନିଜର କେତେ ଯେ ମାରାତ୍ମକ ଭୁଲ ଆମେ କରୁଛେ ତାହା ଜାଣିବା ତ ସହଜ ନୁହଁ। ଅନେକ ବିଭିନ୍ନ ବାହାନା ମଧ୍ୟ କରନ୍ତି କିନ୍ତୁ ଏହି ଘଣ୍ଟା ଘଣ୍ଟା ଧରି ଫବିଙ୍ଗର ବିକୃତ ଜୀବନ ଜଣକୁ ନୈରାଶ୍ୟ ଓ ଅବସାଦ ଭିତରକୁ ଠେଲି ଦେଇଥାଏ ସେମାନେ ଆଖପାଖର ଦୁନିଆକୁ ଭଲଭାବେ ବୁଝିପାରି ନଥାନ୍ତି ଆଉ ଅନେକଙ୍କ ବୁଝିଲାବେଳକୁ ନେଡିଗୁଡ଼ କହୁଣୀକୁ ବୋହିଯାଏ। ଘଣ୍ଟା ଘଣ୍ଟା ଧରି ମୋବାଇଲ ଦେଖିବା ଦ୍ୱାରା ପ୍ରଥମତଃ ଆଖି ଉପରେ ଚାପ ପଡ଼ିଥାଏ, ଦ୍ୱିତୀୟତଃ ସ୍ୱାଭାବିକ ଜୀବନ ଉପରେ ଏହା କିପରି ପ୍ରଭାବ ପକାଇଥାଏ ତାହା ଜଣେ ସହଜରେ ବୁଝିପାରିନଥାଏ। ଅନ୍ୟ ଜଣେ ବୁଝାଇଲେ ଏହା ସେମାନଙ୍କୁ ଅତୁଆ ଓ ଅଶ୍ୱସ୍ତିକର ଲାଗିଥାଏ। ଦ୍ୱିତୀୟତଃ ନିଜର ସୃଜନଶୀଳ ଶକ୍ତି ବା ଚିନ୍ତାଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଏଥିରୁ ମୁକ୍ତି ପାଇବା ପାଇଁ ବାଟ ରହିଛି। ଜଣେ ଚାହିଁଲେ ଏଥିରୁ ନିଜକୁ ବଦଳାଇ ପାରିବ। ଜଣେ ସର୍ବପ୍ରଥମେ ଚିନ୍ତାକରୁ ମୁଁ ଯେଉଁମାନଙ୍କ ସହ ଜୀବନ ବିତାଉଛି ସେମାନଙ୍କ ସହିତ କେତେ ସମୟ ବ୍ୟକ୍ତିଗତ ସାମ୍ନାସାମ୍ନି ବସି କଥାବାର୍ତ୍ତା ହେଉଛି ? ଖାଇବାରୁ ଶୋଇବା ପର୍ଯ୍ୟନ୍ତ କେତେ ଘଣ୍ଟା ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଛି। ରୁଟିନ୍ ଭିତରେ ଏକ ବଡ଼ ନିର୍ଘଣ୍ଟ ତିଆରି କରନ୍ତୁ ଯେ ମୁଁ ଆଜି ମୋବାଇଲ ଠାରୁ ସମ୍ପୂର୍ଣ୍ଣ ଦୂରେଇ କେତେ ସମୟ ବିତାଇ ପାରିବି। କିଛି ବାଟ ଚଲାବୁଲା କରନ୍ତୁ, ବ୍ୟକ୍ତିଗତ ଭାବେ କଥାବାର୍ତ୍ତା ହୁଅନ୍ତୁ କିଛି ବହିପତ୍ର ବା ଖବରକାଗଜ ପଢ଼ନ୍ତୁ। ନିଜ ଲୋକମାନଙ୍କ ସହ ସମୟ ବିତାଇବା ସହ ଶାରୀରିକ ପରିଶ୍ରମ କିଛି କରନ୍ତୁ ଏବଂ ଅତି ଭଲ ହେବ ଯୋଗାସନ ବା ପ୍ରାଣାୟମ ଅଭ୍ୟାସ ରଖିଥିଲେ। ଏହାସହ କିଛି ସମୟ ନୀରବରେ ବସି ନିଜ ସହ କଥା ହୁଅନ୍ତୁ। ଏସବୁରେ ଆପଣଙ୍କୁ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ଉଚିତ ପରାମର୍ଶ ଦେଇପାରିବେ ଆପଣ ତାଙ୍କ ସହାୟତା ନିଅନ୍ତୁ। ନିଜକୁ ବ୍ୟସ୍ତ, ଅଧେଅର୍ଯ୍ୟ, ଉତ୍ତେଜିତ ରଖନ୍ତୁ ନାହିଁ। କର୍ମସଂସ୍ଥାନର ଚାପ ନିଜ ପରିବାର ଭିତରକୁ ଆଣନ୍ତୁ ନାହିଁ। ଦେଖିବେ ଆପଣ ଚାହିଁଲେ ଆପଣଙ୍କ ଦୁନିଆ ଖୁବ ଭଲ ହେବ। ଆପଣ ଫବିଙ୍ଗରୁ ମୁକ୍ତ ହୋଇ ଏକ ସ୍ୱାଭାବିକ ଜୀବନ ବିତାଇ ପାରିବେ। ଏହା ଆପଣଙ୍କ ଭଲ ଜୀବନକୁ ଆହୁରି ପ୍ରଶସ୍ତ କରିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ବ୍ୟବହାର ନିଷିଦ୍ଧ

॥ ଅଜୟ କୁମାର ବେହେରା ॥

ନିଷେଧ, ଶବ୍ଦ ଅଛି ବୋଲି ଆବଶ୍ୟକର ଆବଶ୍ୟକ ଅଛି। ଦ୍ରବ୍ୟ ସୁଲଭ ସର୍ବଦା ଅଭାବୀ ମନୁଷ୍ୟଙ୍କ ପାଇଁ ଆବଶ୍ୟକ। ମନୁଷ୍ୟର ଖାଦ୍ୟପେୟ, ବାସଗୃହ, ବସ୍ତ୍ର, ଅତି ଦରକାରୀ ଆବଶ୍ୟକ ମାତ୍ର ଆୟ ଦେଖି ଏ ସବୁ ବ୍ୟବହାର କରିବାକୁ ପଡ଼େ। ପେଟ ଭରି ଭୋକ ମାରିବା ମୂଳକଥା ହେଲେ ବି ସବୁ ପ୍ରକାର ଖାଦ୍ୟ ସମସ୍ତଙ୍କ ପାଇଁ କେବେ ଯୁଟିନପାରେ। ଶୋଷ ମାରିବାକୁ ପେୟ ପଦାର୍ଥ ଜଳ ଅତି ଆବଶ୍ୟକ। ମାତ୍ର ଏ ଦୁଇଟିରେ ଧର୍ମୀୟ ପରମ୍ପରା ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟେ ପୁଣି ଆୟକୁ ଦେଖି ଏହାକୁ ସଂଗ୍ରହ ବା ବ୍ୟବହାର କରିବାକୁ ପଡୁଛି। ମନୁଷ୍ୟ ଆମ ଓଡ଼ିଶାରେ କେବଳ 'ଭାତ'କୁ ଭୋଜନର ମୂଳ ଉତ୍ସ ବହୁ ବର୍ଷ ହେଲା କରୁଛନ୍ତି ଏଥିରେ ଉଷୁନା, ଉଆ, ଅରୁଆ ଚାଉଳ ସମ୍ବନ୍ଧ ରହିଛି। ଗ୍ରାମ ଓଡ଼ିଶାରେ ପଖାଳ ତୋରାଣୀ ଖାଦ୍ୟ ପାନୀୟ କିନ୍ତୁ ଦ୍ରବ୍ୟ ଚାଲାଣ ବ୍ୟାପକ ହେବାରୁ ଗହମ ଓ ତହିଁରୁ ପ୍ରସ୍ତୁତ ଅଟା ମଇଦା ସୁଜି ଦ୍ୱାରା ଲୋକେ ପ୍ରଭାବିତ ହୋଇ କେବଳ ରୁଟି ନୁହେଁ ପୁରୀ, ରୁଟି, କଚୁଡି, ସିଙ୍ଗଡ଼ା ଅନେକ ପ୍ରକାର ଗହମଜାତ ତୂର୍ଣ୍ଣରୁ ମିଠା କରି ଭୋଜନ ବ୍ୟବସ୍ଥା କରିଛନ୍ତି। ମାଟିହାଣ୍ଡି, କାଠପତ୍ର ଜଳା ଚୁଲି ବେଳକୁ ବେଳ ଦୁର୍ଲଭ ହେଲା। ପଖାଳ ଏକ ଦରିଦ୍ରୀ ଖାଦ୍ୟ ପରି ଲୋକେ ମନେ କରିଲେ। ଆସ୍ତେ ଆସ୍ତେ ଅଲମିନିୟମ ହାଣ୍ଡି, ଷ୍ଟିଲ ହାଣ୍ଡି, ପ୍ରେସରକୁକର ଆଦି ରୋଷେଇର ଧାରା ବଦଳାଇ ଦେଇଛି। ଫଳରେ ପୂର୍ବ ପାଖଳଖିଆ ଲୋକଙ୍କ ଯେତେ ରୋଗ ପ୍ରତିରୋଧ ଶକ୍ତି ଥିଲା ଏହାପରେ କେବେ ବଢ଼ି ବଢ଼ି ଚାଲିଛି ଏହା କେହି ସମୀକ୍ଷା କରୁନାହାଁନ୍ତି।

ଶ୍ରୀକ୍ଷେତ୍ର ପୁରୀ ମନ୍ଦିରରେ ମାଟିହାଣ୍ଡି କୁଡୁଆରେ ପ୍ରସ୍ତୁତ ରୋଷେଇର ଅନ୍ନ କାହିଁ କେତେ ବର୍ଷ ଧରି କାଠଚୁଲିରେ ରୋଷେଇ ହେଉଛି। ଏ ଦିବ୍ୟାନ୍ନ ନିଶ୍ଚେ ଏବେ ବି ଲୋକପ୍ରିୟ। ସ୍ୱାଦିଷ୍ଟ ଦିବ୍ୟ ବାସ୍ନାଯୁକ୍ତ। ଅନେକ ମସଲା ତେଲ ସଂଯୋଗରେ କରାଯିବା ବାହାର ପ୍ରସ୍ତୁତ ଡାଲି କେବେ ପୁରୀ ମନ୍ଦିର ଡାଲି ଭଳି ଲାଗିବ ନାହିଁ। ହେଲେ ଆମିଷ ଭକ୍ଷକମାନେ ଟିକେ ଭିନ୍ନ ସ୍ୱାଦ ପ୍ରିୟ ଯୋଗୁ ବା ଭିନ୍ନଧର୍ମୀମାନେ କେମିତି ଅଦରକାରୀ ମନେକରୁଛନ୍ତି। କୈବଲ୍ୟର ନିନ୍ଦା ହେବା ଅସହ୍ୟ, ଅନେକ ମୁଣ୍ଡରେ ଲଗାଇ ସମ୍ମାନ କଲେ ବି ଭୋଜନରେ ନା ମଙ୍ଗ। ପାଣି ପ୍ରାଣ ରକ୍ଷକ। ଶୋଷ କାଳରେ ବ୍ୟକ୍ତିର ପାଟିରେ ପାଣି ଦେବା ଏକ ବଡ଼ ଧର୍ମ କାର୍ଯ୍ୟର ବିଶ୍ୱାସ



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରବିବାର, ୧୫ ନଭେମ୍ବର, ୨୦୨୬

ସ୍ୱତନ୍ତ୍ର କ୍ରୀଡା କାର୍ଯ୍ୟକ୍ରମ ସହିତ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ ପାଳିତ



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ, ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ଏବଂ ଗୋପବନ୍ଧୁ କ୍ରୀଡା ସଂସଦ (ଜିକେଏସ) ମାଧ୍ୟମରେ, ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଏକ ସ୍ୱତନ୍ତ୍ର କ୍ରୀଡା କାର୍ଯ୍ୟକ୍ରମ ସହିତ ୨୦୨୬ ଶିଶୁ ଦିବସ ନଭେମ୍ବର ୧୪ ଶନିବାର ଦିନ ଅତ୍ୟନ୍ତ ଉତ୍ସାହ ସହିତ ପାଳିତ ହୋଇଯାଇଛି କ୍ଷ ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ବିଭାଗ ମୁଖ୍ୟ ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ସଚିବ ଶ୍ରୀ କ୍ରିଷ୍ଣା ବାପି ରାଜୁ, ଉପ-ସରଂକ୍ଷକ କ୍ୟାପ୍ଟେନ ଅଲେଖ ଚରଣ ସାହୁ, ଟ୍ରାଫିକ ମ୍ୟାନେଜର ଶ୍ରୀ ରାଜେନ୍ଦ୍ର କୁମାର, ଏବଂ ମୁଖ୍ୟ ଯନ୍ତ୍ରୀ ଶ୍ରୀ ସୁଶୀଲ ଚନ୍ଦ୍ର ନାହାକ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ଜିକେଏସ ର ସଭାପତି ଅଶୋକ କୁମାର ସାହୁ ଏବଂ ବନ୍ଦର ଚିକିତ୍ସାଳୟର ଉପ-ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିକେଏସ ର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠି ସଫଳତାର ସହ ପରିଚାଳନା କରିଥିଲେ । ଏହି ଉତ୍ସବରେ ପିଲାମାନଙ୍କ ପାଇଁ ବିଭିନ୍ନ କ୍ରୀଡା କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯାହା ସେମାନଙ୍କୁ ସେମାନଙ୍କର ପ୍ରତିଭା, ଉତ୍ସାହ ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ସାମଗ୍ରିକ ବିକାଶରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ କ୍ରୀଡା କାର୍ଯ୍ୟକଳାପକୁ ଉତ୍ସାହିତ କରିବା ଏବଂ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରମୁଖ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁବ ପ୍ରତିଭାକୁ ପୋଷଣ କରିବା ଏବଂ କ୍ରୀଡା ମାଧ୍ୟମରେ ପିଲାମାନଙ୍କ ପାଇଁ ବଢିବାର ସୁଯୋଗ ସୃଷ୍ଟି କରିବାର ବାର୍ତ୍ତା ପ୍ରସାର କରି ଉତ୍ସବଟି ସଫଳତାର ସହିତ ଶେଷ ହୋଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ



ପାରାଦୀପ, (ମହାଭାରତ): ଭୁବନେଶ୍ୱରଠାରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ । ଚଳିତ ମାସ ୨୪ ତାରିଖ ଦିନ ପବିତ୍ର କାର୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଓ ବନ୍ଦର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ବନ୍ଦର ଅଧ୍ୟକ୍ଷ ଶ୍ରୀ ପୁରୋହିତ ଆନୁଷ୍ଠାନିକ ଭାନେ ନିମନ୍ତ୍ରଣ କରିଛନ୍ତି । ଏହି ଅବସରରେ ଶଯରୀ ପୁରୋହିତ ପାରାଦୀପ ବନ୍ଦରର ସାମ୍ପ୍ରତିକ କାର୍ଯ୍ୟଦକ୍ଷତା, ମାଲ ପରିବହନ କ୍ଷେତ୍ରରେ ବନ୍ଦରର ଦକ୍ଷତା ବୃଦ୍ଧି, ଚାଲୁ ରହିଥିବା ଭିତିଭୂମିର ବିକାଶ ଏବଂ ଭବିଷ୍ୟତର ସମ୍ପ୍ରସାରଣ ଯୋଜନା ସମ୍ପର୍କର ଅବଗତ କରାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ବନ୍ଦର ଅଧ୍ୟକ୍ଷ ଶ୍ରୀ ପୁରୋହିତ ପାରାଦୀପ ବନ୍ଦର ସମ୍ପର୍କର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ମାଲ ପରିଚାଳନା କ୍ଷମତା ବୃଦ୍ଧି, ବହୁମୁଖୀ ପରିହବନ ସଂଯୋଗୀକରଣକୁ ସୁଦୃଢ କରିବା, ଭିତିଭୂମି ବିକାଶ ପ୍ରକଳ୍ପ ଗୁଡିକର ତ୍ୱରାନ୍ୱିତ କରିବା ଏବଂ ବନ୍ଦରର ପଣ୍ୟକାରବାର କ୍ଷମତାରେ ଅଧିକ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡିଶାର ଶିଳ୍ପାୟନ, ବାଣିଜ୍ୟ ଓ ସାମଗ୍ରିକ ଆର୍ଥିକ ପ୍ରଗତିରେ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କର ଆଲୋକପାତ କରାଯାଇଥିଲା ।

ସୂର୍ଯ୍ୟମୁଖି ର ୩୫ତମ ବାର୍ଷିକ ଉତ୍ସବ ପାଳନ ଏବଂ ପତ୍ରିକା ଉନ୍ମୋଚନ



ପାରାଦ୍ୱୀପ, (ମହାଭାରତ): ପାରାଦ୍ୱୀପ ର ଅଗ୍ରଣୀ ସାଂସ୍କୃତିକ ଓ ସାହିତ୍ୟିକ ଅନୁଷ୍ଠାନ ସୂର୍ଯ୍ୟମୁଖିର ୩୫ ତମ ବାର୍ଷିକ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇ ଯାଇଛି । ଗଣତନ୍ତ୍ରିକ ଚେତନା, କଳା, ସାହିତ୍ୟ, ସଂସ୍କୃତି, ସମାଜ ଚେତନା ଓ ପରିବେଶ ସୁରକ୍ଷାକୁ ମୂଳ ଲକ୍ଷକରି ଦୀର୍ଘ ୩୫ ବର୍ଷ ଧରି କାର୍ଯ୍ୟକରୀ ଆସୁଥିବା ଉକ୍ତ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ଉଦବେଳନ ପତ୍ରିକା ଉନ୍ମୋଚନ ଉତ୍ସବରେ, ହାରାମଣି ମହାପାତ୍ର ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ପାରାଦ୍ୱୀପ ପୌରପାଳିକା ଅଧକ୍ଷ ତଥା ଯୁବ ମାନସର ପ୍ରତୀକ ବସନ୍ତ ବିଶ୍ୱାଳ,, ଶ୍ରମିକନେତା ବାବୁରାମ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର, କବିୟତ୍ରୀ ତୁଳସୀ ବରାଳ ପ୍ରମୁଖ ଯୋଗ ଦେଇ ପରିଣତ ବୟସରେ ପହଞ୍ଚିଥିବା ହାରାମଣୀ ମହାପାତ୍ର ସୂର୍ଯ୍ୟମୁଖି କୁ ବଞ୍ଚାଇ ରଖି ଥିବାରୁ ସମସ୍ତ ଅତିଥି ମନେ ସାଧୁବାଦ ଜଣାଇବାସହ ଦୀର୍ଘାୟୁ କାମନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବିଭୁତି ଭୂଷଣ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯିବା ସହ ସମାଜରେ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚେତନାର ପ୍ରସାର ଦିଗରେ ଅନୁଷ୍ଠାନ ର ଦୀର୍ଘ ୩୫ବର୍ଷର ଅବଦାନକୁ ମନେ ପକା ଯାଇଥିଲା। ଏହି ପରିପ୍ରେକ୍ଷାରେ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଗତ ୧୩. ୧୧. ୨୬ ରିଖ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ଓ କବିୟତ୍ରୀ ମନେ ନିଜ କବିତା ପାଠ କରିଥିଲେ। ମୈନାକ ସାହିତ୍ୟ ସାଂସଦର ସମ୍ପାଦକ ନଗେନ୍ଦ୍ର ସ୍ୱାଇଁ ବିଗିଡି ଚାଲୁଥିବା ପରିବେଶ ପ୍ରତି ସମସ୍ତେ ସଚେତନ ରହିବାକୁ ଆହ୍ୱାନ ଦେବାସହ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷ ରୋପଣ କରିବାକୁ ନିବେଦନ କରି କହିଥିଲେ। ସୂର୍ଯ୍ୟମୁଖି ର ସମ୍ପାଦକ ଡ଼ଃ. ରଶ୍ମିରଞ୍ଜନ ପଟ୍ଟନାୟକ (କୁନା) ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ବସନ୍ତ ବିଶ୍ୱାଳ ସୂର୍ଯ୍ୟମୁଖି କୁ ଆଗକୁ ନେବାକୁ ଶ୍ରୀ ପଟ୍ଟନାୟକଙ୍କୁ ପ୍ରେରଣା ଦେଇଥିଲେ। କବି / କବିୟତ୍ରୀ ମାନଙ୍କ ମଧ୍ୟରେ ପ୍ରତିଭା ଦାସ, ପ୍ରେମଲତା ବାରିକ, ଉର୍ମିଳା ମହାନ୍ତି, ଲକ୍ଷ୍ମୀପ୍ରିୟା ପାଳ, କଳ୍ପନା ବେହେରା, ଟୁନି ଖୋଜି, ଭାଗ୍ୟଶ୍ରୀ ପ୍ରଧାନ, ନଗେନ ପ୍ରଧାନ, ନିମାଇଁ ଚରଣ ପ୍ରଧାନ, ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଆଜିର ସାମାଜିକ, ପାରିବାରିକ ଓ ପରିବେଶ ଉପରେ ନିଜ ନିଜ କବିତା ପାଠ କରିଥିଲେ। ଶେଷରେ ସମ୍ପାଦକ ଡ଼ଃ. ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଭବାନୀପାଟଣାରେ କଂଗ୍ରେସର ମିଶ୍ରଣ ପର୍ବ

କଳାହାଣ୍ଡି/ଭବାନୀପାଟଣା,(ମହାଭାରତ) : କଳାହାଣ୍ଡି ଗସ୍ତରେ ପିସିସି ସଭାପତି ଭକ୍ତ ଚରଣ ଦାସ।ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରେ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ଉପସ୍ଥିତି ରେ ଶନିବାର କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକ ଙ୍କ ନେତୃତ୍ୱ ରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।ଏଥିରେ ଜିଲ୍ଲା ର ବିଭିନ୍ନ ପଞ୍ଚାୟତ ରୁ ବିଜେପି, ବିଏସପି, ବିଜେଡି ଏବଂ ଯୁବ କୃଷକ ମୋର୍ଚ୍ଚା ରୁ ଅନେକ କର୍ମୀ କଂଗ୍ରେସ ର କାର୍ଯ୍ୟପନ୍ଥା ରେ ଅନୁପ୍ରାଣିତ ହୋଇ ଶତାଧିକ ମାତ୍ରା ରେ କଂଗ୍ରେସ ରେ ଯୋଗଦାନ କରିଥିଲେ। କଂଗ୍ରେସ ର ଏହି ମିଶ୍ରଣ ପର୍ବରେ କାମଠଣା ପଞ୍ଚାୟତ ର ପୂର୍ବତନ ସମିତି ସଭ୍ୟ ନୀଳାମ୍ବର ନାଏକ, ଙ୍କ ସମେତ ସାଧୁରାମ ମଙ୍ଗରାଜ,ହରି ରଣା,ସନ୍ତୋଷ ବଗର୍ତ୍ତା,କଇଁତା ବଗର୍ତ୍ତା,ଜଗୁ ରଣା, ପାଳନା ପଞ୍ଚାୟତ ରୁ ଅରଛୁ ରଣା ଏବଂ ଥୁଆମୂଳ ରାମପୁର ବ୍ଲକ ରୁ ବୈଦ୍ୟନାଥ ପାନ,ରାମ ମାଝୀ,ଚିତଳ ସିଂ ମାଝୀ,ଚକ୍ର ମାଝୀ,ରାମ ସିଂ ମାଝୀ,ଦିବ୍ୟସିଂ ରାଜପୁତ,ଜୟ ମାଝୀ,କୃଷକ ମୋର୍ଚ୍ଚା ସଭାପତି ହିତେଶ ନାଏକ,ଚକ୍ରଧର ମାଝୀ,ବୀଣାପାଣି ନାଏକ ପ୍ରମୁଖ କଂଗ୍ରେସ ର କାର୍ଯ୍ୟଶୈଳୀ ରେ ଅନୁପ୍ରାଣିତ ହୋଇ କଂଗ୍ରେସ ରେ ଯୋଗଦାନ କରିଥିଲେ।କଳାହାଣ୍ଡି କଂଗ୍ରେସ ରେ ଯୋଗଦାନ କରିଥିବା ନୂତନ କର୍ମକର୍ତ୍ତା ଙ୍କୁ ପିସିସି ସଭାପତି ଉତ୍ସାହ କରିବା ସହ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ରେ କିପରି ରଣନୀତି ହେବ ସେନେଇ ଉପସ୍ଥିତ ଥିବା କଂଗ୍ରେସ କର୍ମୀ କର୍ଣ୍ଣ ମନ୍ତ୍ର ଦେବା ସହିତ ଜିଲ୍ଲା ର ପ୍ରତ୍ୟେକ ପଞ୍ଚାୟତ କଂଗ୍ରେସ କର୍ମୀ ଗୋଟିଏ ଗୋଟିଏ ଭକ୍ତ ଦାସ ହୋଇ ଜନସାଧାରଣ ଙ୍କ ଲୋକାଭିମୁଖୀ ହେବା ପରାମର୍ଶ ଦେଇଥିଲେ।ଏବଂ ବିଜେପି ସରକାର ଙ୍କ ଅପାରଗତା କୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।ଏହି ଅବସରରେ ଜିଲ୍ଲା ସ୍ତରୀୟ ବହୁ କଂଗ୍ରେସ କର୍ମୀ ପ୍ରମୁଖ ଏହି ମିଶ୍ରଣ ପର୍ବ ରେ ଉପସ୍ଥିତ ଥିଲେ।

ପୂର୍ଣ୍ଣପୀଠ ରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପାରସମ୍ବା ଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,ପୂର୍ଣ୍ଣପୀଠ ଅନୁଷ୍ଠାନରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଓ ଶିଶୁ ଦିବସ ମହା ଆଡମ୍ବରରେ ପାଳନ ହୋଇଯାଇଛି।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ଶ୍ରୀ ସାମ୍ବିକ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅନୁକୁଣ୍ଠାଗୁଡା ସରକାରୀ ମହିଳା ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସନି ବଡମୁଣ୍ଡି,ଉଜଉଡ ଶ୍ରୀ କେ. ଭଗ୍ୟରାଜ୍ ଓ ଜୀବା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ଶ୍ରୀମତୀ ସସ୍ମିତା ମିଶ୍ର ଯୋଗ ଦେଇ ଶିଶୁ ଦିବସ ଓ ବିଜ୍ଞାନ ଦିବସ ସମ୍ପର୍କରେ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ।ଏଥି ସହିତ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀ ମୋନାଜ କୁମାର ପଣ୍ଡା ଯୋଗ ଦେଇ ବିଜ୍ଞାନ ଭିତ୍ତିକ ତଥ୍ୟ ସହ ପିଲାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ।

ଠାକୁରମୁଣ୍ଡା ଓ କରଞ୍ଜିଆ ଅବକାରୀ ବିଭାଗର ମିଳିତ ଚଢ଼ାଉ

କରଞ୍ଜିଆ, (ମହାଭାରତ) : ଅବକାରୀ ବିଭାଗ ପକ୍ଷରୁ ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ବିରୋଧରେ ଚଢ଼ାଉ ଜାରି ରହିଥିବା ବେଳେ ଶନିବାର ଠାକୁରମୁଣ୍ଡା ଓ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି । ଏହି ଚଢ଼ାଉରେ ୨୪୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୬୪୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସରାସପୋଷି ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମହୁଲି ମଦ ପ୍ରସ୍ତୁତି ହେଉଥିବା ଖବର ପାଇ ଠାକୁରମୁଣ୍ଡା ଓ କରଞ୍ଜିଆ ଅବକାରୀ ବିଭାଗର ଏକ ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଜଙ୍ଗଲ ମଧ୍ୟରେ ବିପୁଳ ପରିମାଣରେ ଦେଶୀ ମହୁଲି ମଦ ଓ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ମହୁଲ ପୋଚ ଦେଖି ଅବକାରୀ ବିଭାଗର ଅଧିକାରୀମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଚଢ଼ାଉ ସମୟରେ ଜଙ୍ଗଲ ମଧ୍ୟରୁ ୨୪୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିଲା। ଏଥିସହିତ ବେଆଇନ ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ରଖାଯାଇଥିବା ପ୍ରାୟ ୬୪୦୦ ଲିଟର ମହୁଲ ପୋଚକୁ ଅବକାରୀ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିଲା। ଜଙ୍ଗଲ ଭିତରେ ଏତେ ପରିମାଣରେ ମଦ ଓ ମହୁଲ ପୋଚ ଗଚ୍ଛିତ ରଖାଯାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବେଆଇନ ମଦ ପ୍ରସ୍ତୁତି ଓ କାରବାର ଉପରେ ରୋକ ଲଗାଇବା ସହ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ାଉ।

ଖଡ଼ିଆଳ ଏନଏସି ଦ୍ୱାରା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଖଡ଼ିଆଳ, (ମହାଭାରତ) : ଭତ୍ତା ପାଇଁ ଅପେକ୍ଷାର ଯୁଗ ସରିଲା। ଭତ୍ତା ସମ୍ପର୍କିତ ସମସ୍ୟାର ସମାଧାନ ସହ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧାରେ ପେନସନ୍ ପ୍ରଦାନ ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭତ୍ତା ବଣ୍ଟନ ମେଳା ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ଖଡ଼ିଆଳ ସହର ସ୍ଥିତ ନୂତନ କଲ୍ୟାଣ ମଣ୍ଡପ ୩ ଠାରେ ଭତ୍ତା ବଣ୍ଟନ ମେଳାର ଶୁଭାରମ୍ଭ କରାଯାଇଥିଲା। ଏହି ମେଳାରେ ଖଡ଼ିଆଳ ବ୍ଲକର ୩୦ ଜଣ ଏବଂ ଖଡ଼ିଆଳ ଏନ୍‌ଏସିର ୩ ଜଣଙ୍କୁ ମିଶାଇ ମୋଟ ୩୩ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ପେନସନ୍ କାର୍ଡ ସହ ନଗଦ ଭତ୍ତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ବାର୍ଦ୍ଧକ୍ୟ ଭତ୍ତା ସମେତ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଏବଂ କହିଥିଲେ ଯାହା ହେଉନା କାହିଁକି ଦୀର୍ଘ ଅଢେଇ ବର୍ଷ ପରେ ସରକାର ଆଜି ବୁଝି ପାରିଲେ ଜେ ଭତ୍ତା ବିନା ବୃଦ୍ଧ ବୃଦ୍ଧା ମାନେ କେମିତି ଜୀବନଯାପନ କରନ୍ତି ଏବଂ ଭତ୍ତା କେବେ ମିଳିବ ସେହିଦିନକୁ ଅପେକ୍ଷା କରି ରହିଥାନ୍ତି କିନ୍ତୁ ଦୁଃଖର କଥା ପୂର୍ବ ସରକାର ସମସ୍ତଙ୍କୁ ହାତରେ ୧୦୦୦ ଟଙ୍କା ଦେଉଥିଲେ ହେଲେ ବର୍ତ୍ତମାନ ସରକାର ହାତରେ ୮୦୦ ଟଙ୍କା ଦେଇ ବ୍ୟାଙ୍କ ଖାତାରେ ୨୦୦ ଟଙ୍କା ଡିପୋଜିଟ କରିବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କହିଥିଲେ କ୍ଷ ବିଶିଷ୍ଟ ଅତିଥି ଭାବରେ ଖଡ଼ିଆଳ ଏନ୍ ?ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ରାଜ୍ୟ ସରକାର ବିଷୟରେ କହି ସମସ୍ତଙ୍କ ପାଇଁ ଆମ ସରକାର ତରଫରୁ ଏହା ଏକ ଦୀପାବଳି ଭେଟି ବୋଲି କହିଥିଲେ କ୍ଷ ପରେ ମଞ୍ଚାସିନ ଅତିଥି ମାନେ ହିତାଧିକାରୀ ମାନଙ୍କୁ ଭତ୍ତା ଓ ପେନସନ୍ କାର୍ଡ ପ୍ରଦାନ କରିଥିଲେ।ଏହି ଅବସରରେ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଜିଲ୍ଲାପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଜ୍ଞାନରଞ୍ଜନ ମେଘ, ସ୍ୱାଧୀନ କେତନ ମହାରଣା, ଦେବୀ ପ୍ରସାଦ ମେହେର, ସୁନୀଲ ସାହୁ, ଚନ୍ଦନ ସାହୁ, ଲକ୍ଷ୍ମଣ ଦୂରିଆ ଓ କୁମର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।ଯୋଗ୍ୟ ହିତାଧିକାରୀଙ୍କୁ ସମୟୋଚିତ ଭାବେ ସରକାରୀ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ): ଓଡ଼ିଶାରେ ଆବାସ ବଣ୍ଟନର ଶୁଭାରମ୍ଭ ଅବସରରେ ଭବାନୀପାଟଣା ଜିଲ୍ଲାସ୍ତରୀୟ ସମାରୋହ



କଳାହାଣ୍ଡି/ଭବାନୀପାଟଣା, (ମହାଭାରତ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅନ୍ତର୍ଗତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବଲାଙ୍ଗୀର ଜିଲ୍ଲା ପଥରଚେପା ଠାରେ ଆବାସ ବଣ୍ଟନର ଶୁଭାରମ୍ଭ ଅବସରରେ ଆଜି ଭବାନୀପାଟଣା ସ୍ଥିତ ଟାଉନ ହଲ ଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମାନ୍ୟବର ଲୋକସଭା ସାଂସଦ ଶ୍ରୀମତି ମାଳବିକା ଦେବୀ ମୁଖ୍ୟ ଅତିଥି ଏବଂ ଧର୍ମଗଡ ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ସୁଧୀର ରଞ୍ଜନ ପାଟ୍ଟଯୋଶୀ,ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ ସମ୍ମାନୀତ ଅତିଥି ତଥା ଅନ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦୟାନିଧି ନାୟକ, ଭବାନୀପାଟଣା ବ୍ଲକ୍ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଥୁଆମୂଳ ରାମପୁର ବ୍ଲକ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ରବିବାର, ୧୫.୧୧. ୨୦୨୬

ଜିଲ୍ଲା ସ୍ତରୀୟ ଶିଶୁ ଶ୍ରମିକ ମୁକ୍ତ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଶୁଭଶ୍ରୀ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ରେ ଶିଶୁ ଶ୍ରମିକ ମୁକ୍ତ ଅଭିଯାନ କୁ ନେଇ ଜିଲ୍ଲା ସ୍ତରୀୟ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏହି ପ୍ରତିଯୋଗିତା ରେ ଜିଲ୍ଲା ର ୧୩ଟି ବିଭିନ୍ନ ବିଦ୍ୟାଳୟ ଗୁଡିକ ରୁ ଛାତ୍ରଛାତ୍ରୀ ମାନେ ଶିଶୁ ଶ୍ରମିକ ମୁକ୍ତ ଅଭିଯାନ ବକ୍ତୃତା ପ୍ରତିଯୋଗିତା ୧୩ଜଣ ଅଂଶ ଗ୍ରହଣ କରି ଥିବା ବେଳେ ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀ ର ଛାତ୍ରୀ ପିତା ଜ୍ୟୋତିର୍ମୟ ତ୍ରିପାଠୀ,ମାତା ସ୍ମିତାରାଣୀ ଦାଶ, ଙ୍କ କନ୍ୟା ଶୁଭଶ୍ରୀ ତ୍ରିପାଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ଛନ୍ତି। କାର୍ଯ୍ୟକ୍ରମ ମାଧ୍ୟମ ରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଓ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ, ଡିଏନ୍ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଙ୍କ ଉପସ୍ଥିତ ରେ ପ୍ରମାଣପତ୍ର, ଟ୍ରଫି ସହ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ବକ୍ତୃତା ପ୍ରତିଯୋଗିତା ରେ ଶୁଭଶ୍ରୀ ତ୍ରିପାଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିବା ନେଇ ପାଟଣା ବ୍ଲକ ପାଇଁ ଗୌରବ ଅର୍ଜନ କରିଛନ୍ତି। ଜିଲ୍ଲା ସ୍ତରରେ ଶୁଭଶ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରିବା ନେଇ ଆର୍ଦଶ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ ଶିକ୍ଷକ,ଶିକ୍ଷୟତ୍ରୀ ଙ୍କ ମହଲ ରେ ଖୁସି ର ଲହର ଦେଖିବାକୁ ମିଳିଛି।

ଏଟିଏମ୍ ବ୍ୟାଟେରି ଚୋରଙ୍କୁ ବାନ୍ଧିଲା ପୁଲିସ ମୋବାଇଲ୍,ବାଇକ୍,କଟରମେସିନ୍ ଜବତ



ଓଡ଼ଗାଁ,(ମହାଭାରତ):ଦିନ ଦ୍ୱିପହରରେ ସହର ଗହଳି ଚହଳି ଥିବା ସମୟରେ ଚୋରି କରିବାକୁ ସୁଯୋଗ ଖୋଜୁଥିଲେ ଦୁଇ ଏଟିଏମ୍ ଲୁଟେରା।ଏଟିଏମ୍ କାଉଣ୍ଟର ଭିତରେ ପଶି ଇନଭଟର ବ୍ୟାଟେରି ଚୋରିକରି ପୁଲିସ ହାବୁଡରେ ଧରାପଡ଼ିଛନ୍ତି। ଓଡ଼ଗାଁ ଫଟୋ ଷ୍ଟୁଡ଼ିଓ ସାହିରେ ଚୋରଙ୍କ ଏଭଳି ଆତଙ୍କରାଜକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି।ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଦିନ ୨ଟା ସମୟରେ ଦୁଇଜଣ ଏଟିଏମ୍ ଲୁଟେରା ଓଡ଼ଗାଁ ଫଟୋ ଷ୍ଟୁଡ଼ିଓ ନିକଟସ୍ଥ ଏସବିଆଇ ଏଟିଏମ୍ କାଉଣ୍ଟରକୁ ଟାଗେର୍ଟ କରିଥିଲେ। ଭାପୁର ବ୍ଲକ୍ ଫତେଗଡ଼ ଥାନା ବଦିଲୋ ଅଞ୍ଚଳର ନିଧିଚରଣ ବେହେରାଙ୍କ ପୁଅ ସୁମନ୍ତ ବେହେରା (୨୮) ଓ ମାଧବ ବେହେରାଙ୍କ ପୁଅ ସିଦ୍ଧାନ୍ତ କୁମାର ବେହେରା (୨୧) ଏକ ହୋଣ୍ଡା ଆକ୍ଟିଭା ଗାଡ଼ିନଂ ଓଡ଼ି୨୫ଏଲ୍ ୯୪୮୧ ରେ ଆସି ଏଟିଏମ୍ କାଉଣ୍ଟରରୁ ଇନଭଟର ବ୍ୟାଟେରି କାଢି ନେବାକୁ ଉଦ୍ୟମ କରୁଥିଲେ।ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ବ୍ୟକ୍ତିଙ୍କୁ କାବୁ କରିନେଇଛି।ସେମାନେ ବ୍ୟବହାର କରୁଥିବା ଦୁଇଟି ମୋବାଇଲ ଫୋନ,କଟର ମେସିନ,ପ୍ଲାସ, ପେଚକସ ଆଦି ସାମଗ୍ରୀ ପୁଲିସ ସେମାନଙ୍କ ଠାରୁ ଜବତ କରିଛି। ଏବଂ ଚୋରିରେ ବ୍ୟବହାର କରିଥିବା ବାଇକକୁ ମଧ୍ୟ ପୁଲିସ ନିଜ ହେପାଜତକୁ ଆଣିଛି।ଏସବିଆଇ ଏଟିଏମ୍ ମରାମତି ଦାୟୀତ୍ୱରେ ଥିବା ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପି. ରାମଚନ୍ଦପୁର ଗ୍ରାମର ସନ୍ତୋଷ କୁମାର ହୋତା ଏଟିଏମ୍ ଇନଭଟର ବ୍ୟାଟେରି ଦୁଇ ଲୁଟେରା ଚୋରିକରୁଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାରକରି ଓଡ଼ଗାଁ ପୁଲିସ ଏକ ମାମଲା ରୁଜୁକରି ଦୁଇ ଯୁବକଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ଆଇଆଇସି ସତ୍ୟନାରାୟଣ ବାରିକ ସୂଚନା ଦେଇଛନ୍ତି।

ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଶିବିର

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶିଶୁ ଦିବସ ଅବସରରେ ଆଧାର ସ୍ତରୀୟ ଶିଶୁ ଶିବିର ସ୍ଥାନୀୟ ଫରେଷ୍ଟ ପାର୍କଠାରେ ଆୟୋଜିତ ହୋଇଯାଇଛି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଆୟୋଜିତ ଏହି ଶିବିରରେ ଅରୁଣ ଶ୍ରେଣୀଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶିଶୁ ଭାଇଭଉଣୀମାନଙ୍କ ମଧ୍ୟରେ ବିଭିନ୍ନ ଶାରୀରିକ ଓ କ୍ରିୟାକଳାପ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଓ ସାମୂହିକ ଭାବନା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଶ୍ରୀମତୀ ଭାଗ୍ୟସିନୀ ପଣ୍ଡା ଓ ଶ୍ରୀମତୀ ନମିତା ରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିରଟି ଆୟୋଜିତ ହୋଇଥିଲା। ଏଥିରେ ସୁବର୍ଣ୍ଣ, ବିନୋଦିନୀ, ମନୋରମା, କୁନି, ପ୍ରତିଭା, ଶର୍ମିଷ୍ଠା, ଅନିତା, ରୋହିଣୀ, ରେଣୁବାଳା ଗୁରୁମାଙ୍କ ସମେତ ସ୍ୱାଧୀନ ଓ ଦିଲ୍ଲୀପ ଗୁରୁଜୀ ସହଯୋଗ କରିଥିଲେ।

ଦଶପଲ୍ଲାରେ ଅଟକିଛି ବିକାଶର ଚକ

ବୁଗୁଡ଼ା ରେଳ ସଂଯୋଗ ବିଳମ୍ବକୁ ନେଇ ଅସନ୍ତୋଷ



ଦଶପଲ୍ଲା,(ମହାଭାରତ): ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅନ୍ତର୍ଗତ ଦଶପଲ୍ଲାରୁ ବୁଗୁଡ଼ା ପର୍ଯ୍ୟନ୍ତ ରେଳ ଚଳାଚଳ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦଶପଲ୍ଲା ରେଳ ଷ୍ଟେସନ୍ ଉଦ୍‌ଘାଟନ ହେବାର ପ୍ରାୟ ୩୪ ମାସ ବିତିଯାଇଥିଲେ ସୁଦ୍ଧା, ମାତ୍ର ୧୫ କିଲୋମିଟର ଦୂରତାରେ ଥିବା ବୁଗୁଡ଼ା ଷ୍ଟେସନ୍ ପର୍ଯ୍ୟନ୍ତ କେବେ ରେଳ ଗଡ଼ିବ ସେନେଇ ରେଳ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ, ଗତ ୩୦ ଜୁନ୍ ୨୦୨୨ରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମହାପୁରଠାରୁ ନୂଆଗାଁ ରୋଡ୍ ପର୍ଯ୍ୟନ୍ତ ୧୩ କିଲୋମିଟର ରେଳପଥର ଉଦ୍‌ଘାଟନ କରିଥିଲେ। ଏହାର ୧୮ ମାସ ପରେ ଅର୍ଥାତ୍ ୬ ଜାନୁଆରୀ ୨୦୨୪ରେ ନୂଆଗାଁରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୫ କିଲୋମିଟର ରେଳପଥ ଓ ଦଶପଲ୍ଲା ଷ୍ଟେସନ୍ ଉଦ୍‌ଘାଟିତ ହୋଇଥିଲା। ସେବେଠାରୁ ଦଶପଲ୍ଲାରୁ ଭୁବନେଶ୍ୱର, ପୁରୀ, କଟକ ଓ ଭଦ୍ରକକୁ ନିୟମିତ ରେଳ ଚଳାଚଳ କରୁଛି। ରେଳ ଚଳାଚଳ ଫଳରେ ସ୍ଥାନୀୟ ଅଞ୍ଚଳର ଗମନାଗମନ ସହଜ ହେବା ସହ ବ୍ୟବସାୟ, ରୋଜଗାର ଏବଂ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହୋଇଛି। ସାଧାରଣ ଲୋକେ ସ୍ୱଳ୍প ଖର୍ଚ୍ଚରେ ଭୁବନେଶ୍ୱର ଓ କଟକର ବଡ଼ ଡାକ୍ତରଖାନାକୁ ଯାଇ ଉନ୍ନତ ଚିକିତ୍ସା ପାଇପାରୁଥିବା ବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ଉପକୃତ ହେଉଛନ୍ତି। ତେବେ ବୁଗୁଡ଼ା ପର୍ଯ୍ୟନ୍ତ ରେଳ ଚଳାଚଳ ସ୍ୱାଭାବିକ ହେଲେ ଦଶପଲ୍ଲା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳର ଚାଷୀ, ବ୍ୟବସାୟୀ ଏବଂ ଛାତ୍ରଛାତ୍ରୀ ବିଶେଷ ଭାବେ ଲାଭବାନ ହେବେ। ତେଣୁ ରେଳ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବୁଗୁଡ଼ା ପର୍ଯ୍ୟନ୍ତ ରେଳ ଚଳାଚଳ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଶରଣକୁଳ ଡ଼ାକବଙ୍ଗଳାରେ ୧୮୫ଜଣଙ୍କୁ ନୂତନ ଭତ୍ତା ବାଣ୍ଟିଲେ ବାଚସ୍ପତି



ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ୍ ଶରଣକୁଳ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ଠାରେ ଆଜି ୩୬ ଗୋଟି ପଞ୍ଚାୟତର ୧୮୫ ଜଣଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି।ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନି ପ୍ରଧାନଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାତ୍ରୀ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ୬୦ ଛୁଇଁବା ମାତ୍ରେ ଭତ୍ତା ଯୋଜନାରେ ସାମିଲ ହେବେ ଓ ଭତ୍ତାର ସୁବିଧା ପାଇବେ ଏବଂ ଭିନ୍ନକ୍ଷମ,ବିକଳାଙ୍ଗ ଏବଂ ଅବିବାହିତ ମହିଳାଙ୍କୁ ମଧ୍ୟ ଭତ୍ତା ଯୋଜନାରେ ସାମିଲ କରାଯାଇଛି। ପ୍ରତିମାସରେ ଭତ୍ତା ଟଙ୍କାରେ ନିଜର ଔଷଧ ଓ ଘରଖର୍ଚ୍ଚ କରି ଅନ୍ୟ ଉପରେ ବୋଝହେବାରୁ କିଛି ମାତ୍ରାରେ ମୁକ୍ତିପାଇବା ଉପରେ ସରକାର ଗୁରୁତର ସହ ନିଷ୍ପତି ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ସୁଶ୍ରୀ ପ୍ରୀତିବାଳା ରଣା ୬୦ବର୍ଷର ବୃଦ୍ଧବୃଦ୍ଧା କିମ୍ବା ଭିନ୍ନକ୍ଷମ ଭତ୍ତାପାଇଁ ଆବେଦନ କରନ୍ତୁ।ଯେଭଳି କେହି ଭତ୍ତା ଯୋଜନାରୁ ବଞ୍ଚିତ ନହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ।୩୬ଟି ପଞ୍ଚାୟତର ମୋଟ ୮୭୨ ଜଣଙ୍କ ଟାଗେର୍ଟ ଥିବାବେଳେ ଆଜି ୧୮୫ଜଣଙ୍କୁ ଭତ୍ତା ଦିଆଯାଇଛି।ଆସନ୍ତା ୨୫ ତାରିଖ ଦିନ ପ୍ରତ୍ୟେକ ପଞ୍ଚାୟତରେ ଭତ୍ତା ପ୍ରଦାନ କରାଯିବବୋଲି ଜଣାପଡ଼ିଛି।

ଖନ୍ଦାଢ଼ିପ ପିଏମଶ୍ରୀ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ତଥା ବିଜ୍ଞାନ ପ୍ରଦର୍ଶନୀ



ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖନ୍ଦାଢ଼ିପ ପି.ଏମ.ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ବିଦ୍ୟାଳୟ ସ୍ତରୀୟ ବାଲ ବୈଜ୍ଞାନିକ ତଥା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିଅର ସ୍ତରରେ ମୋଟ ୨୫ ଟି ଏବଂ ସବ୍ ଜୁନିଅର ସ୍ତରରେ ମୋଟ ୨୫ ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜଲିବାଳା ଧଳ ସଭାପତିତ୍ୱ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ଯାଜ୍ଞସେନୀ ନାୟକ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବନମାଳୀ ମାଝୀ, ଏନଏସି କ୍ଲଷ୍ଟର ସାଧନ ସଂଯୋଜକ ଶ୍ରୀ ବିଦ୍ୟାଧର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି, ବିଆରଟି ଈଶ୍ୱର ଚନ୍ଦ୍ର ପ୍ରଧାନ ଯୋଗଦାନ କରି କାର୍ଯ୍ୟକ୍ରମ ର ଉଦଘାଟନ କରିଥିଲେ। ଏଥିରେ ବିଚାରକ ଭାବରେ ବୃନ୍ଦ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ହିମାଂଶୁ ଶେଖର ବିଶ୍ୱାଳ ଓ ରାହାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହୃଷିକେଶ ବଣିଛୋର ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ମନୋନୀତ କରିଥିଲେ। ଏଥିରେ ଜୁନିଅର ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅନ୍ୱେଷା ଅମାଦ ପ୍ରଥମ, ରିୟା ଭୋଇ ଦ୍ୱିତୀୟ, ଲକ୍ଷ୍ମୀପ୍ରିୟା ପ୍ରଧାନ ତୃତୀୟ, ସେହିପରି ସବଜୁନିଅର ସ୍ତରରେ, ଇତିଶ୍ରୀ ବାଘ ପ୍ରଥମ, ଏରିନା ଦେହୁରୀ ଦ୍ୱିତୀୟ, ସାଇନି ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତାରାଣୀ ପ୍ରଧାନ, ଅନୁପମା ମିଶ୍ର,ଲୁହପଙ୍କ କ୍ଲଷ୍ଟରର ସିଆରସିସି ସୁଜିତ ଭୋଇ, ବୁଢ଼ା କ୍ଲଷ୍ଟରର ସିଆରସିସି ପ୍ରହଲ୍ଲାଦ ମୁଣ୍ଡା,ପରିଚାଳନା କମିଟି ର ସଭ୍ୟସଭ୍ୟା ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାଇକରୁ ଖସିପଡ଼ି ମହିଳା ମୃତ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଡିମିରିକୁଦା ଛକ ନିକଟରେ ଥିବା ହମ୍ପରେ ବାଇକରୁ ଭାରସାମ୍ୟ ହରାଇ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ମହିଳା ଜଣଙ୍କ ହେଲେ କଦଳିଗଡ ଗ୍ରାମ ପଞ୍ଚାୟତ ଅଧୀନ ମହତପୁର ଗ୍ରାମ ବାସିନ୍ଦା ଗୀତା ନାଏକ(୪୦)। ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ସନ୍ଧ୍ୟା ସମୟରେ ମହତପୁର ଗ୍ରାମର ଉକ୍ତ ମହିଳା ଜଣଙ୍କ ଜଣେ ସମ୍ପର୍କୀୟଙ୍କ ସହିତ ଏକ ବାଇକରେ ବସି ନାକଟିଦେଉଳ ପଟରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ବେଳେ ଡିମିରିକୁଦା ଗ୍ରାମ ନିକଟ ଏକ ହମ୍ପ୍ ରେ ଖସି ପଡ଼ିଥିଲେ।

ଉଦ୍‌ଯାପିତ ହେଲା ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା



ଗଜପତି(ମହାଭାରତ): ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଛଅ ଦିନିଆ ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ଆଜି ଉଦ୍‌ଯାପିତ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ସମୁଦାୟ ୨୪୫ଟି କଳାକାର ଅନୁଷ୍ଠାନର ୪ ହଜାରରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରି ନିଜ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ସଂକୀର୍ତ୍ତନ ମଣ୍ଡଳୀ, ଲାଞ୍ଜିଆ ସଉରା ନୃତ୍ୟ, ଶବର-ଶବରୁଣୀ ଆଦିବାସୀ ନୃତ୍ୟ, ଭାରତଲୀଳା, ଭୂତକେଳି, ସାକ୍ଷୀ ନାଚ, ଚଢ଼େୟା-ଚଢ଼େୟାଣୀ ନୃତ୍ୟ, ସତ୍ରା ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଦୁଲଦୁଲି, ମାହାରୀ, ଓଡ଼ିଶୀ ନୃତ୍ୟ, ଭଜନ ଓ ସୁଗମ ସଙ୍ଗୀତ ଆଦି ବିଭିନ୍ନ କଳା ଓ ସାଂସ୍କୃତିକ ପରମ୍ପରାର କଳାକାରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ କଳା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବା। ଏଥିସହ କଳାକାରମାନଙ୍କୁ ବିଭିନ୍ନ ମଞ୍ଚରେ କଳା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଏବଂ ସେମାନଙ୍କୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଯୋଗାଇଦେବା ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଏହି ଉଦ୍ୟମ ପାଇଁ ଅଂଶଗ୍ରହଣକାରୀ କଳାକାରମାନେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ କିଛି କଳାକାର ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରି ନଥିବାରୁ ସେମାନଙ୍କୁ ପୁନର୍ବାର ଆବେଦନ କରିବାର ସୁଯୋଗ ଦେବାକୁ ଅନୁରୋଧ କରାଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କ ସହଯୋଗରେ ଏହି ଚୟନ ପ୍ରକ୍ରିୟା ସୁଚାରୁରୂପେ ଆୟୋଜନ କରାଯାଇଥିଲା। ବିଚାରକମାନଙ୍କ ଦ୍ୱାରା କଳାକାରମାନଙ୍କ ପ୍ରଦର୍ଶନର ମୂଲ୍ୟାୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ କଳାକାର, ବିଚାରକ, ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ସହଯୋଗ ଏହାକୁ ସଫଳ ଓ ସୁପରିଚାଳିତ କରିବାରେ ସହାୟକ ହୋଇଥିଲା।

ଜାଲ ପକାଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁ

ଅଷ୍ଟରଙ୍ଗ (ମହାଭାରତ) : ଅଷ୍ଟରଙ୍ଗ ବ୍ଲକ୍ ଅନ୍ତର୍ଗତ ନୂଆଗଡ ମେରାଇନି ଥାନା ଅଧୀନ ନୂଆଗଡ ଗ୍ରାମର ଶିବଲାଭ ବେହେରା ବୟସ -୫୩ ବର୍ଷ ମାଛ ଧରିବାକୁ ଯାଇ ମୃତ୍ୟୁ ବରଣ କରି ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଶିବ ଲାଭ ସବୁଦିନ ଭଳି ମାଛ ଧରିବା ପାଇଁ ଶୁକ୍ରବାର ଦିବା ୧୧ ଘଟିକା ସମୟରେ ଯାଇଥିଲେ । ନିର୍ଦ୍ଧାରିତ ସମୟରେ ନ ଫେରିବାରୁ ତାଙ୍କୁ ତାଙ୍କର ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ । ଖୋଜାଖୋଜି କରିବା ସମୟରେ ତାଙ୍କୁ ଗିଲିକଣି ନିକଟସ୍ଥ ଦେବୀ ନଦୀ ଠାରେ ପାଣିରେ ଭାସୁଥିବାର ଦେଖିଲେ। ତତକ୍ଷଣାତ ତାଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ଅଷ୍ଟରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏଣୁ ସେ ମାଛ ଧରିବା ସମୟରେ ପାଣିରେ ବୁଡି ମରିଥିବାର ବିଶ୍ୱାସ କରାଯାଉଛି।

ବ୍ଲକସ୍ତରୀୟ ନୂତନ ଭତ୍ତା ବଣ୍ଟନ ଶିବିର



ଅଷ୍ଟରଙ୍ଗ (ମହାଭାରତ) : ଅଷ୍ଟରଙ୍ଗ ପଞ୍ଚାୟତ ସଭା ଗୃହରେ ଆଜି ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ଟ୍ରକ୍ ଓ ଟ୍ରାକ୍ଟର ଧକ୍କାରେ ୨ ଯୁବକ ମୃତ

ନୂଆଦିଲ୍ଲୀ: କର୍ଣ୍ଣାଳର ଜିଟି ରୋଡରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଭୋର ପ୍ରାୟ ୪ଟା ସମୟରେ ନିଲୋଖେରୀର ମାତା ମନ୍ଦିର ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ପଛରୁ ଏକ ଟ୍ରାକ୍ଟରକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ସୂଚନାନୁଯାୟୀ, ଭୋର ପ୍ରାୟ ୪ଟା ସମୟରେ ନିଲୋଖେରୀର ମାତା ମନ୍ଦିର ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ପଛରୁ ଏକ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ହୋଇଥିଲା ଯେ ଟ୍ରାକ୍ଟରରେ ବସିଥିବା ଦୁଇ ଯୁବକ ରାସ୍ତାରେ ଛିଟିକି ପଡ଼ିଥିଲେ ଏବଂ ମୁଣ୍ଡରେ ଗମ୍ଭୀର ଆଘାତ ଲାଗି ଘଟଣାସ୍ଥଳେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଟ୍ରକ୍ ମଧ୍ୟ ନିୟନ୍ତ୍ରଣ ବାହାରକୁ ଯାଇ ଓଲଟି ପଡ଼ିଥିଲା । ମୃତକଙ୍କ ନାମ ୨୫ ବର୍ଷୀୟ ଶିଶପାଲ ଏବଂ ୨୮ ବର୍ଷୀୟ ସୁରବୀର, ଯେଉଁମାନେ ଉତ୍ତର ପ୍ରଦେଶର ମୋରାଦାବାଦ ଜିଲ୍ଲାର ବାସିନ୍ଦା । ଉଭୟ ସମ୍ପର୍କୀୟ ଥିଲେ ଏବଂ ପଞ୍ଜାବରେ ବିଦ୍ୟୁତ୍ ତାର କାମ କରିବାକୁ ଯାଉଥିଲେ । ଟ୍ରାକ୍ଟରଟି ଖାଲି ଥିଲା ଏବଂ ଏଥିରେ ପାଞ୍ଚରୁ ସାତ ଜଣ ଲୋକ ଚଢୁଥିବା କୁହାଯାଉଛି । ଉଭୟ ଯୁବକ ଟ୍ରାକ୍ଟରର ଆଗରେ ବସିଥିଲେ । ସେହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ଟ୍ରାକ୍ଟରକୁ ଧକ୍କା ଦେଇଥିଲା । ଫଳରେ ଏହି ଦୁର୍ଘଟଣାରେ ଉଭୟ ଯୁବକ ରାସ୍ତାରେ ଛିଟିକି ପଡ଼ି ପ୍ରାଣ ହରାଇଥିଲେ । ଦୁଇ ଜଣ ଯୁବକ ଚାକିରି ଆଶାରେ ଘରୁ ବାହାରିଥିଲେ ହେଲେ ସବୁଦିନ ପାଇଁ ଲିଭିଗଲା ଜୀବନର ଦୀପ । ଯାହା ସେମାନଙ୍କ ପରିବାରରେ ଶୋକର ଛାୟା ଖେଳାଇଦେଇଛି । ଅନ୍ୟପଟେ ଦୁର୍ଘଟଣାର ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ନିଜ ହେପାଜତକୁ ନେଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଏଥିସହ ଟ୍ରକ୍ ଡ୍ରାଇଭରକୁ ଧରାଯାଇଛି ଏବଂ ଘଟଣାର ତଦନ୍ତ କରାଯାଉଛି ।

ସଡ଼କ ଦୁର୍ଘଟଣା, ୩ ମୃତ ଓ ୩ ଆହତ

ହରିୟାଣା: ହରିୟାଣାର କୈଥଲରେ ଶନିବାର ରାତି ପ୍ରାୟ ୨ଟା ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ପାଇ ଓ ସିସମୋର ମଧ୍ୟରେ ଏକ କାର୍ କେନାଲ ପୋଲ ସହିତ ଏକ କାର ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ମୃତକମାନେ ଗୋଟିଏ ପରିବାରର ସଦସ୍ୟ ଏବଂ କରୋଡ଼ା ଗାଁର ବାସିନ୍ଦା ଥିଲେ । ଧକ୍କା ଏତେ ଜୋରଦାର ଥିଲା ଯେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା । ସୂଚନାନୁଯାୟୀ, ଯୁବକମାନେ କରୋଡ଼ା ଗାଁରୁ କୈଥଲ ଅଭିମୁଖେ ଯାଉଥିଲେ । କ୍ଷେତରେ ଧାନ ଅମଳ କାମ ସାରିବା ପରେ ସେମାନେ ନରେନ୍ଦ୍ରଙ୍କ ଘରକୁ ଯିବା ପାଇଁ ବାହାରିଥିଲେ । ତେବେ ରାସ୍ତାରେ ପାଇ ଓ ସିସମୋର ମଧ୍ୟରେ ଥିବା କେନାଲ ପୋଲ ନିକଟରେ ସେମାନଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକମାନେ ହେଲେ ବଲବୀରଙ୍କ ପୁଅ ନବଦୀପ (୧୯), କର୍ମବୀରଙ୍କ ପୁଅ ପ୍ରଦୀପ (୨୭) ଏବଂ ସତ୍ୟୱାନଙ୍କ ପୁଅ ଅଜୟ (୨୨)। ତିନି ଜଣ ମୃତକ କରୋଡ଼ା ଗାଁର ବାସିନ୍ଦା ଥିଲେ । ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ମୃତକ ତିନି ଜଣ ଗୋଟିଏ ପରିବାରର ଥିଲେ। ଦୁର୍ଘଟଣା ପରେ ସେମାନଙ୍କୁ ନାଗରିକ ହସ୍ପିଟାଲ ନିଆଯାଇଥିଲା, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଏହି ଦୁର୍ଘଟଣାରେ ସାହିଲ, ଅର୍ଜୁନ ଏବଂ ନରେନ୍ଦ୍ର ଆହତ ହୋଇଛନ୍ତି । ସାହିଲଙ୍କୁ ସହରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଜଙ୍ଘ, ହାଡ଼ ଭାଙ୍ଗିଯାଇଛି । ସେହିପରି ଅର୍ଜୁନଙ୍କ ମେରୁଦଣ୍ଡରେ ଫ୍ରାକ୍ଚର ହୋଇଥିବାରୁ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି । କାର୍ ଚଲାଉଥିବା ନରେନ୍ଦ୍ରଙ୍କ ମୁହଁ ଓ ବାହୁରେ ସାମାନ୍ୟ ଆଘାତ ଲାଗିଛି । ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ପାଇ ଓ ସିସମୋର ମଧ୍ୟରେ ସାମ୍ନା ପଟୁ ଏକ ଗାଡ଼ି ଆସୁଥିଲା । ସେହି ଗାଡ଼ିର ଆଲୋକ ଡ୍ରାଇଭରଙ୍କ ଆଖିରେ ପଡ଼ିବାରୁ ତାଙ୍କୁ ରାସ୍ତା ଠିକ୍ ଭାବେ ଦେଖାଯାଇନଥିଲା। ଏହି ସମୟରେ କାର୍‌ଟି ନିୟନ୍ତ୍ରଣ ହରାଇ କେନାଲ ପୋଲରେ ପିଟି ହୋଇଥିଲା । ଗୋଟିଏ ପରିବାରର ତିନି ଜଣ ଯୁବକଙ୍କ ମୃତ୍ୟୁରେ କରୋଡ଼ା ଗାଁ ସମେତ ସେମାନଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି ।

ରସଗୋଲା କହି ଖୁଆଇଦେଲେ ବୋମା, ବିସ୍ଫୋରଣରେ ୩୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ

ମଧ୍ୟପ୍ରଦେଶ: ରସଗୋଲା କହି ବୋମା ଖୁଆଇଦେଲେ । ପାଟିରେ ରଖି ଚୋବାଇ ଦେବାରୁ ହେଲା ଭୟଙ୍କର ବିସ୍ଫୋରଣ । ଚାଲିଗଲା ୩୫ ବର୍ଷୀୟ ଯୁବକଙ୍କ ଜୀବନ । ମଧ୍ୟପ୍ରଦେଶ ଡିଣ୍ଡୋରି ଜିଲ୍ଲାରୁ ଆସିଛି ଏଭଳି ଚାଞ୍ଚଲ୍ୟକର ଘଟଣା । ମୃତ ଯୁବକ ଜଣକ ସ୍ଥାନୀୟ ଛତ୍ତା ଗାଁର ରାଜେନ୍ଦ୍ର ବାରାଉତିୟା । ଘଟଣାରେ ପୋଲିସ ସ୍ଥାନୀୟ ଅଞ୍ଚଳର ରାମଭଗତ ବରୌତିଆଙ୍କ ସମେତ ଅନ୍ୟ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି ପୋଲିସ । ଗତ ୧୦ ତାରିଖ ରାତିରେ ରାଜେନ୍ଦ୍ର ରାତିରେ ଖାଇସାରି ନିଜ ଅଗଣାରେ ପରିବାର ସଦସ୍ୟଙ୍କ ସହ ବସି ନିଆଁ ପୋଉଁଥିଲେ। ଏହି ସମୟରେ ତାଙ୍କ ଘରେ ପହଞ୍ଚିଥିଲେ ସେହି ଗାଁର ରାମଭଗତ । ଦୁହିଁଙ୍କ ମଧ୍ୟରେ ସାଧାରଣ କଥାବାର୍ତ୍ତା ଚାଲିଥିବା ବେଳେ ଏହାରି ଭିତରେ ରାଜେନ୍ଦ୍ରଙ୍କୁ ରସଗୋଲା କହି ଏକ ଗୋଲାକାର ଜିନିଷ ଖାଇବାକୁ ଦେଇଥିଲେ ରାମଭଗତ । ରାଜେନ୍ଦ୍ର ଏହାକୁ ସଙ୍ଗେ ସଙ୍ଗେ ଚୋବାଇବା ମାତ୍ରେ ଘଟିଥିଲା ଭୟଙ୍କର ବିସ୍ଫୋରଣ । ମୁହଁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ପାଟି ଓ ମାଡ଼ି ଛିନଛତ୍ର ହୋଇଥିଲା । ପତ୍ନୀ ସୁଶୀଳା ବାଈ ଓ ପଡ଼ୋଶୀଙ୍କ ସହାୟତାରେ ରାଜେନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ତେବେ ଏହି ବୋମା ଗୁଡ଼ିକୁ ଜଙ୍ଗଲରୁ ବାର୍ ହା ଶିକାର ପାଇଁ ବ୍ୟବହାର କରାଯାଏ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଘଟଣା ପରେ ରାମଭଗତଙ୍କ ସମେତ ତାଙ୍କୁ ବୋମା ଯୋଗାଇଥିବା ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ । ଏହି ଘଟଣା ପଛରେ ପୂର୍ବ ଶତ୍ରୁତା ନା ଆଉ କିଛି ତା'ର ତଦନ୍ତ ଜାରି ରଖିଛି ପୋଲିସ ।

ରାହୁଲଙ୍କ ଫୋନ୍ ଟ୍ୟାପ୍ ଅଭିଯୋଗକୁ ଖଣ୍ଡନ କଲେ ସାମ୍ ପିତ୍ରୋଡ଼ା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଫୋନ୍ ଟ୍ୟାପ୍ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗମ୍ଭୀର ଅଭିଯୋଗ ଆଣିଥିବାବେଳେ କଂଗ୍ରେସ ନେତା ସାମ୍ ପିତ୍ରୋଡା ଏହାକୁ ଖଣ୍ଡନ କରିଛନ୍ତି । ଏନଡିଟିଭିକୁ ଦେଇଥିବା ଏକ ସାକ୍ଷାତକାରରେ ପିତ୍ରୋଡ଼ା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଏପରି କାର୍ଯ୍ୟ କରନ୍ତି ନାହିଁ, ପ୍ରଧାନମନ୍ତ୍ରୀ ସ୍କୁଡ୍ରାଇଭର୍ ଧରି କମ୍ପ୍ୟୁଟରରେ ବସନ୍ତି ନାହିଁ' । ପ୍ରଧାନମନ୍ତ୍ରୀଙ୍କ ସହ ପର୍ବପର୍ବାଣୀର ଶୁଭେଚ୍ଛା ଆଦାନପ୍ରଦାନକୁ ନେଇ ଚର୍ଚ୍ଚାରେ ଥିବା ପିତ୍ରୋଡା କହିଛନ୍ତି ଯେ ତାଙ୍କ ନିଜର ଫୋନ୍ ମଧ୍ୟ ଟ୍ୟାପ୍ ହେଉଛି । ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପରେ ସେମାନେ ତାଙ୍କ ଡିଭାଇସ୍ ଯାଞ୍ଚ କରି ଫୋନ୍ ଟ୍ୟାପ୍ ହେଉଥିବା ନେଇ ସତର୍କ କରାଇଥିଲେ ବୋଲି ସେ କହିଛନ୍ତି । କିନ୍ତୁ ଏହା କିଏ କରୁଛି ତାହା ସେ ଜାଣି ନାହାନ୍ତି ଏବଂ ଏହାକୁ ନେଇ ସେ ବେଶି ଚିନ୍ତିତ ନୁହଁନ୍ତି ବୋଲି ପିତ୍ରୋଡ଼ା ସ୍ପଷ୍ଟ କରିଛନ୍ତି ।

ଶୀତଋତୁ ପାଇଁ ବନ୍ଦ ହେବ ବଦ୍ରୀନାଥ ମନ୍ଦିର, ଜ୍ୟୋତିର୍ମଠରେ ମିଳିବ ଭଗବାନଙ୍କ ଦର୍ଶନ



ଉତ୍ତରାଖଣ୍ଡ: ଉତ୍ତରାଖଣ୍ଡର ପ୍ରସିଦ୍ଧ ଚାରଧାମ ମଧ୍ୟରେ ଅନ୍ୟତମ ବଦ୍ରୀନାଥ ଧାମର କବାଟ ଏବେ ଶୀତଋତୁ ପାଇଁ ବନ୍ଦ ହେବାକୁ ଯାଉଛି । ଏହା ସହିତ ୨୦୨୬ ମସିହାର ଚାରଧାମ ଯାତ୍ରାର ମଧ୍ୟ ଶେଷ ହେବ । ମନ୍ଦିରର କପାଟ ବନ୍ଦ କରିବା ପୂର୍ବରୁ ଧାର୍ମିକ ପରମ୍ପରା ଅନୁଯାୟୀ ଧାମରେ ପାଞ୍ଚ ଦିନିଆ ପଞ୍ଚପୂଜା ଆରମ୍ଭ ହୋଇସାରିଛି । ପରମ୍ପରା ଅନୁସାରେ, ନଭେମ୍ବର ୧୬ ତାରିଖ ରାତି ୯ଟା ୩୭ ମିନିଟ୍?ରେ ବିଧିବିଧାନ ସହିତ ଭଗବାନ ବଦ୍ରୀ ବିଶାଳଙ୍କ ମନ୍ଦିରର କପାଟ ବନ୍ଦ କରାଯିବ । ଏହା ପରେ ଶୀତଋତୁରେ ଶ୍ରଦ୍ଧାଳୁମାନେ ଜ୍ୟୋତିର୍ମଠରେ ଭଗବାନଙ୍କ ଦର୍ଶନ କରିପାରିବେ । ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଧ୍ୟ କପାଟ ବନ୍ଦ ହେବାର ପ୍ରକ୍ରିୟା ଏବଂ ଶୀତକାଳୀନ ଦର୍ଶନ ପରମ୍ପରା ସମ୍ପର୍କରେ ସୂଚନା ଦେଇଛନ୍ତି । ଉତ୍ତରାଖଣ୍ଡର ବିଶ୍ୱପ୍ରସିଦ୍ଧ ଚାରଧାମ ମଧ୍ୟରେ ସାମିଲ ଥିବା ଭଗବାନ ବଦ୍ରୀ ବିଶାଳଙ୍କ ପବିତ୍ର ଧାମ ବଦ୍ରୀନାଥ ମନ୍ଦିରର କପାଟ ଶୀତଋତୁ ପାଇଁ ବନ୍ଦ ହେବାକୁ ଯାଉଛି । କପାଟ ବନ୍ଦ କରିବାର ଧାର୍ମିକ ପ୍ରକ୍ରିୟା ଅନୁଯାୟୀ ଧାମରେ ପାଞ୍ଚ ଦିନିଆ ପଞ୍ଚପୂଜା ଆରମ୍ଭ ହୋଇଛି । ଆସନ୍ତା ନଭେମ୍ବର ୧୬ ତାରିଖ ରାତି ୯ଟା ୩୭ ମିନିଟ୍‌ରେ ସମସ୍ତ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ମନ୍ଦିରର କପାଟ ବନ୍ଦ କରାଯିବ । ଏହା ସହିତ ୨୦୨୬ ମସିହାର ଚାରଧାମ ଯାତ୍ରା ମଧ୍ୟ ଆନୁଷ୍ଠାନିକ ଭାବେ ଶେଷ ହେବ । ଏଠାରେ ଜାଣନ୍ତୁ ଦେଶର ୫ଟି ପ୍ରସିଦ୍ଧ ମନ୍ଦିର ସମ୍ପର୍କରେ। ଆଜି ହରିଦ୍ୱାରରେ ପହଞ୍ଚିଥିବା ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ କହିଛନ୍ତି ଯେ, ଭଗବାନ ବର୍ଷରେ ଦୁଇଟି ସ୍ଥାନରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଗ୍ରୀଷ୍ମଋତୁରେ ଶ୍ରଦ୍ଧାଳୁମାନେ ମାଣା ଗାଁ ନିକଟରେ ଅବସ୍ଥିତ ବଦ୍ରୀନାଥ ଧାମରେ ଭଗବାନଙ୍କ ଦର୍ଶନ କରିଥାନ୍ତି । ଅନ୍ୟପକ୍ଷରେ, ଶୀତଋତୁରେ ଭଗବାନ ବଦ୍ରୀ ବିଶାଳ ଜ୍ୟୋତିର୍ମଠରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ସେପଟେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଆସନ୍ତାକାଲି ହରିଦ୍ୱାରରୁ ବଦ୍ରୀନାଥ ଅଭିମୁଖେ ଯାତ୍ରା କରିବେ। ସେଠାରେ ସେ ଧାର୍ମିକ ପରମ୍ପରା ଓ ବିଧିବିଧାନ ଅନୁଯାୟୀ ମନ୍ଦିରର କବାଟ ବନ୍ଦ ହେବାର ପ୍ରକ୍ରିୟାରେ ସାମିଲ ହେବେ।

ମାୟାବତୀଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା: ଆକାଶ ଆନନ୍ଦ



ନୂଆଦିଲ୍ଲୀ: ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ, ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନିଜର ପ୍ରସ୍ତୁତିକୁ ଜୋରଦାର କରିଛି। ବିଏସ୍‌ପିର ଜାତୀୟ ସଂଯୋଜକ ଆକାଶ ଆନନ୍ଦ ନିକଟରେ ବିଜନୌରର ଅଫଜଲଗଡ଼ ଠାରେ ଏକ ଜନସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ, ସେ ଉପସ୍ଥିତ ଜନତାଙ୍କୁ ଉତ୍ତରପ୍ରଦେଶରେ ଏକ ସ୍ପଷ୍ଟ ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ: ସେମାନେ ମାୟାବତୀଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବରେ ଫେରାଇ ଆଣିବାକୁ ଚାହୁଁଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ଉତ୍ତରପ୍ରଦେଶରେ ନିର୍ବାଚନ ପାଖେଇ ଆସୁଛି। ରାଜ୍ୟରେ ଆଖୁ, ଚିନି ଏବଂ ଗୁଡ଼ ଉତ୍ପାଦନରେ ବିଜନୌର ଅଗ୍ରଣୀ ସ୍ଥାନରେ ରହିଛି ତଥାପି, ଆଖୁ ଚାଷୀଙ୍କ ଜୀବନ ଆଜି ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼ିଛି। ଯେଉଁ ଚାଷୀମାନେ ସମଗ୍ର ଦେଶର ପେଟ ଭରନ୍ତି, ସେମାନଙ୍କୁ କାହିଁକି ଚିନି କଳଗୁଡ଼ିକ ନିକଟରୁ ନିଜ ପ୍ରାପ୍ୟ ଅର୍ଥ ପାଇବା ପାଇଁ ହାତ ପତାଇ ଭିକ ମାଗିବାକୁ ବାଧ କରାଯାଉଛି ଭାରତୀୟ ଜନତା ପାର୍ଟି (ବିଜେପି)କୁ ଟାର୍ଗେଟ କରି ଆକାଶ ଆନନ୍ଦ କହିଥିଲେ ଯେ, ବିଗତ ଦଶନ୍ଧି ମଧ୍ୟରେ ବିଜେପି ସରକାର ଏହି ସମସ୍ୟାର କୌଣସି ପ୍ରକୃତ ସମାଧାନ କରିପାରିନାହିଁ। ବିଜେପି ନିଜର ପ୍ରଚାର-ପ୍ରସାର ପାଇଁ କୌଣସି କସରତ ବାକି ରଖିନାହିଁ; ଯେଉଁ ଦଳକୁ ସେ ଏକ 'ବିଜ୍ଞାପନ-ନିର୍ଭର ସରକାର' ବୋଲି ଆଖ୍ୟା ଦେଇଛନ୍ତି, ସେ ନିଜକୁ ଏକ 'ବିକଶିତ' ଏବଂ 'ଶିକ୍ଷିତ' ପ୍ରଶାସନ ଭାବରେ ଦର୍ଶାଇବା ପାଇଁ ପ୍ରଚାର କ୍ଷେତ୍ରରେ ୭,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛି।

ଆକାଶ ଆନନ୍ଦ କହିଛନ୍ତି ଯେ ଗତ ଦଶ ବର୍ଷ ମଧ୍ୟରେ, ଏହି ସରକାର ମହିଳାଙ୍କ ସୁରକ୍ଷା, ଯୁବକମାନଙ୍କ ପାଇଁ ନିଯୁକ୍ତି କିମ୍ବା ପିଲାମାନଙ୍କ ପାଇଁ ଶିକ୍ଷା ଯୋଗାଇବାରେ ବିଫଳ ହୋଇଛି। ସେ କହିଛନ୍ତି ଯେ ବିଜେପି ନେତାମାନେ କହିଥିଲେ ଯେ ୨୦୨୪ ସୁଦ୍ଧା ଉତ୍ତରପ୍ରଦେଶର ରାସ୍ତାଘାଟ ଆମେରିକାର ରାସ୍ତାଠାରୁ ମଧ୍ୟ ଉନ୍ନତ ହୋଇଯିବ। ବାସ୍ତବରେ, ଏକ୍ସପ୍ରେସୱେଗୁଡ଼ିକ ଖୋଲିବାର ଅଳ୍ପ ଦିନ ପରେ ହିଁ ତଳକୁ ଦବିବାକୁ ଲାଗିଲା। ସେମାନେ ନୋଏଡା-ଆଗ୍ରା ଏକ୍ସପ୍ରେସୱେର ନକଲ କରିବାକୁ ଜୋରଦାର ଉଦ୍ୟମ କରିଥିଲେ, ଆଉ ଏହାର ଫଳାଫଳ ଆପଣଙ୍କ ସାମ୍ନାରେ ରହିଛି।

ଦେଶର ପ୍ରଥମ ଏଆଇ ପୁଲିସ ଷ୍ଟେସନ, ଜାଣନ୍ତୁ କେମିତି ହେବ ମାମଲା ରୁଜୁ?

ନୂଆଦିଲ୍ଲୀ: ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଘରୋଇ କମ୍ପାନି ପର୍ଯ୍ୟନ୍ତ, ଆଜିକାଲି ସବୁଠାରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର କରାଯାଉଛି। ବର୍ତ୍ତମାନ ସୁଦ୍ଧା, ଏଆଇର ବ୍ୟବହାର ଚିତ୍ର ପ୍ରସ୍ତୁତ କରିବା, ଇ-ମେଲ୍ ଡ୍ରାଫ୍‌ଟ କରିବା ଏବଂ କୋଡ୍ ଲେଖିବା ଭଳି କାର୍ଯ୍ୟରେ କରାଯାଉଛି। କିନ୍ତୁ ଆପଣ କେବେ କଳ୍ପନା କରିଛନ୍ତି କି, ଏଆଇ ଏକ ଥାନାର କାର୍ଯ୍ୟକଳାପ ମଧ୍ୟ ପରିଚାଳନା କରିପାରିବ।

ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଥିବା 'ପଞ୍ଜାଗୁଟ୍ଟା ଥାନା' ଦେଶର ପ୍ରଥମ ଥାନା ହେବାକୁ ଯାଉଛି, ଯାହା ସମ୍ପୂର୍ଣ୍ଣ ରୂପେ ଏଆଇ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଜ୍ଜିତ ହେବ। ହାଇଦ୍ରାବାଦ ପୁଲିସ କମିଶନର ଭି.ସି. ସଜ୍ଜନାର ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଏହି ଥାନା ପରିଦର୍ଶନ କରିଥିଲେ। ସୂଚନା ଅନୁଯାୟୀ, ଡିସେମ୍ବର ମାସର ପ୍ରଥମ ସପ୍ତାହରେ ତେଲେଙ୍ଗାନା ଡିଜିପି ସି.ଭି. ଆନନ୍ଦ ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ଏକ 'ପାଇଲଟ୍ ପ୍ରୋଜେକ୍ଟ' (ପରୀକ୍ଷାମୂଳକ ପ୍ରକଳ୍ପ) ଭାବରେ ଶୁଭାରମ୍ଭ କରିବେ।

ସେନାଗାଡ଼ି ଦୁର୍ଘଟଣାଗ୍ରସ୍ତ, ୭ ଯବାନ ଆହତ

ତେଲେଙ୍ଗାନା: ତେଲେଙ୍ଗାନାର ଚେଭେଲ୍ଲାଠାରେ ଏକ ବଡ଼ ଦୁର୍ଘଟଣା ଘଟିଛି । ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲାରେ ଭାରତୀୟ ସେନାର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ୭ ଜଣ ଯବାନ ଆହତ ହୋଇଛନ୍ତି । ଆହତ ଯବାନମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, ଯବାନମାନେ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆର୍ମି କ୍ୟାମ୍ପରୁ ଶାବାଦ ମଣ୍ଡଳ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲ୍ଲା ମଣ୍ଡଳ ଅନ୍ତର୍ଗତ ଆଲ୍ଲୁଓ୍ୱାଡ଼ା ଗେଟ୍ ନିକଟରେ ସେନାର ଗାଡ଼ିଟି ଓଲଟି ପଡ଼ିଥିଲା । ପ୍ରାଥମିକ ସୂଚନା ଅନୁସାରେ, ଏହି ଦୁର୍ଘଟଣାରେ ମୋଟ ୯ ଜଣ ଯବାନ ଆହତ ହୋଇଥିବା କୁହାଯାଉଛି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଯବାନମାନେ ଏକ ପ୍ରଶିକ୍ଷଣ ଅଭ୍ୟାସ ପାଇଁ ଗୋଲକୋଣ୍ଡା ଆର୍ମି କ୍ୟାମ୍ପରୁ ଶାବାଦ ମଣ୍ଡଳ ଅଭିମୁଖେ ଯାଉଥିଲେ । ଏହି ସମୟରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ଏକାଧିକ ଥର ଓଲଟି ପଡ଼ିବା ସହ ଆଗକୁ ଯାଇ ଏକ ଗଛରେ ପିଟି ହୋଇଥିଲା । ଦୁର୍ଘଟଣା ପରେ ଆହତ ଯବାନମାନଙ୍କୁ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଯବାନମାନଙ୍କର ଗୋଲକୋଣ୍ଡାସ୍ଥିତ ଆର୍ମି ହସ୍ପିଟାଲ୍‌ରେ ଚିକିତ୍ସା ଚାଲିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଚେଭେଲ୍ଲା ଥାନା ଅଧିକାରୀ ନରେନ୍ଦ୍ର ରେଡ୍ଡୀଙ୍କ କହିବା ଅନୁସାରେ, ଯବାନମାନଙ୍କ ସମ୍ପର୍କରେ ସେନା ପକ୍ଷରୁ ଏଯାଏଁ କୌଣସି ଆଧିକାରିକ ସୂଚନା ମିଳିନାହିଁ। ଏହା ଏକ ଦୁର୍ଘଟଣା ଥିଲା ଏବଂ ସେମାନେ ନିଜେ ଆହତ ଯବାନମାନଙ୍କୁ ହସ୍ପିଟାଲ୍‌ରେ ପହଞ୍ଚାଇଥିଲେ


ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

ଓଡ଼ିଶା ୨୪୩ ରନରେ ଅଲ୍‌ଆଉଟ୍

କଟକ, ୧୪/୧୧: ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଏଲିଟ୍-ସି (ଅଣ୍ଡର-୧୬) ବହୁଦିବସୀୟ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଓ ହାଇଦ୍ରାବାଦ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ର ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ୨୪୩ ରନ୍‌ରେ ଅଲଆଉଟ୍ ହୋଇଛି। ଜବାବରେ ହାଇଦ୍ରାବାଦ କୌଣସି ୱିକେଟ୍ ନହରାଇ ୯ ଓଭରରେ ୩୧ ରନ୍ ସଂଗ୍ରହ କରିଛି। ଫଳରେ ହାଇଦ୍ରାବାଦ ଏବେ ଓଡ଼ିଶାଠାରୁ ୨୧୨ ରନ୍ ପଛରେ ରହିଛି। କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ୍ ଆସୋସିଏସନ୍‌ର ନାଭୁଲେ ଷ୍ଟାଡିୟମ୍ ନମ୍ବର-୨, ଶିବମୋଗାଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଓଡ଼ିଶା ପକ୍ଷରୁ ସୂରଜ ଜୟସ୍ୱାଲ ଦମ୍‌ଦାର ବ୍ୟାଟିଂ କରି ୧୧୫ ବଲ୍‌ରୁ ୬୯ ରନ୍ ସଂଗ୍ରହ କରିଥିଲେ। ଏଥିରେ ୧୦ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ସେହିପରି ମିଧାଂଶୁ ଦାସ ୭୮ ବଲ୍‌ରୁ ୪୬ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୧୦ଟି ଚୌକା ରହିଥିଲା। ଏହି ଦୁଇ ବ୍ୟାଟର୍‌ଙ୍କ ଉପଯୋଗୀ ଅବଦାନ ବଳରେ ଓଡ଼ିଶା ୭୮.୧ ଓଭରରେ ୨୪୩ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା। ହାଇଦ୍ରାବାଦ ପକ୍ଷରୁ ଅନିରୁଦ୍ଧ ନାଏକ ଚମତ୍କାର ବୋଲିଂ କରି ୧୬.୧ ଓଭରରେ ୩୯ ରନ୍ ଦେଇ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ସୟଦ ୱାଲିଦ୍ ୧୪ ଓଭରରେ ୪୩ ରନ୍ ବ୍ୟୟ କରି ୩ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ହାଇଦ୍ରାବାଦ ୯ ଓଭରରେ ବିନା ୱିକେଟ୍‌ରେ ୩୧ ରନ୍ କରିଛି। ସ୍ୱୟନ ଭରଦ୍ୱାଜ ୩୩ ବଲ୍‌ରୁ ୨୩ ରନ୍ ଏବଂ ପାର୍ଥିଭ ୨୧ ବଲ୍‌ରୁ ୭ ରନ୍ କରି ଅପରାଜିତ ଅଛନ୍ତି। ଦ୍ୱିତୀୟ ଦିନର ଖେଳରେ ଓଡ଼ିଶା ବୋଲରମାନେ ହାଇଦ୍ରାବାଦକୁ କେତେ ଶୀଘ୍ର ଅଟକାଇ ପାରୁଛନ୍ତି, ତାହା ଉପରେ ନଜର ରହିବ।



ଫୁଟବଲ୍ ଖେଳାଳି ଡି' ମିଗୁଏଲ୍ ମୃତ୍ୟୁ ମାମଲା : ଓଭ୍ୱେନୋଙ୍କୁ ୧୨ ମ୍ୟାଚ୍ ବାସନ୍ଦ



ମାଡ୍ରିଡ୍ ୧୪।୧୧; ସ୍ପନ୍ ଫୁଟବଲ୍ ମହାସଂଘର ଶୃଙ୍ଖଳା କମିଟି ଇକ୍ୱେଟୋରିଆଲ୍ ଗିନିର ଗୋଲକିପର ଯେଶସ୍ ଓଭ୍ୱେନୋଙ୍କୁ ୧୨ ମ୍ୟାଚ୍‌ରୁ ବାସନ୍ଦ କରିଛି। ନଭେମ୍ବର ୨ରେ ସ୍ପନ୍‌ର ଦ୍ୱିତୀୟ ଡିଭିଜନ୍ ମ୍ୟାଚ୍‌ରେ ତାଙ୍କ ଏକ ଭୟଙ୍କର ଆଘାତରେ ଟେନେରିଫ୍ ଫରୱାର୍ଡ ଯେଶସ୍ ଡି' ମିଗୁଏଲ୍ ଗୁରୁତର ଆହତ ହୋଇଥିଲେ। ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା।

ଏହି ଘଟଣାରେ ଗୁରୁତର ଆଘାତ ସୃଷ୍ଟି କରୁଥିବା ହିଂସାତ୍ମକ ଆଚରଣ ପାଇଁ ସର୍ବାଧିକ ଦଣ୍ଡ ଲାଗୁ କରିଛି କମିଟି। ଘଟଣାର ଦୁଃଖଦ ପରିଣାମ ଏବଂ ଧକ୍କାର ତୀବ୍ରତାକୁ ଦଣ୍ଡ ନିର୍ଦ୍ଧାରଣରେ ଗୁରୁତ୍ୱ ଦିଆଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ରେଫରିଙ୍କ ସୂଚନା ଅନୁସାରେ ଓଭ୍‌ବୋନୋଙ୍କ ଗୋଡ଼ ମିଗୁଏଲ୍‌ଙ୍କ ମୁଣ୍ଡରେ ବାଜିବାରୁ ତାଙ୍କର ମସ୍ତିଷ୍କାଘାତ ହୋଇଥିଲା। ଏହି ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସର୍ବାଧିକ ଦଣ୍ଡବିଧାନ କରାଯାଇଛି।

୨୫ ବର୍ଷୀୟ ଓଭ୍ୱେନୋ ଡି' ମିଗୁଏଲ୍‌ଙ୍କ ମୃତ୍ୟୁ ପରେ ଚଳିତ ମାସରେ ଇକ୍ୱେଟୋରିଆଲ୍ ଗିନି ପକ୍ଷରୁ ଆୟୋଜିତ ଆଫ୍ରିକା କପ୍ ଅଫ୍ ନେସନ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରୁ ନିଜକୁ ପ୍ରତ୍ୟାହାର କରିଥିଲେ। ଏଫ୍‌ସି ଆଣ୍ଟୋରାର ମ୍ୟାନେଜର କହିଛନ୍ତି ଯେ ଓଭ୍ୱେନୋ ଏପର୍ଯ୍ୟନ୍ତ ପ୍ରତିଯୋଗିତାକୁ ଫେରିବା ନେଇ ନିଷ୍ପତ୍ତି ନେଇନାହାନ୍ତି। ଏହି ଦୁଃଖଦ ଘଟଣା ପାଇଁ ସେ ଗଭୀର ଶୋକ ଓ ମର୍ମବେଦନା ପ୍ରକାଶ କରିଛନ୍ତି।

୪ରେ ସରୋଜଙ୍କୁ ହାତ ଧରିବେ ରିଙ୍କୁ ସିଂ

ନୂଆଦିଲ୍ଲୀ, ୧୪।୧୧; କ୍ରିକେଟ୍ ପଡ଼ିଆରେ ଛକା ଓ ଚୌକାରେ ଦର୍ଶକଙ୍କ ମନ ଜିଣୁଥିବା ରିଙ୍କୁ ସିଂହ ଏବେ ଜୀବନର ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି । ଖୁବଶୀଘ୍ର ବିବାହ କରିବେ ଟିମ୍ ଇଣ୍ଡିଆର ଏହି ଷ୍ଟାର୍ କ୍ରିକେଟର । ସମାଜବାଦୀ ପାର୍ଟିର ସାଂସଦ ପ୍ରିୟା ସରୋଜଙ୍କ ହାତ ଧରିବେ ରିଙ୍କୁ । ଡିସେମ୍ବର ୪ ତାରିଖରେ ଲକ୍ଷ୍ନୌରେ ଉଭୟଙ୍କ ବିବାହ ହେବାକୁ ଥିବାବେଳେ ଏବେଠାରୁ ଆରମ୍ଭ ହୋଇଗଲାଣି ଜୋରଦାର ପ୍ରସ୍ତୁତି ।

ବିବାହକୁ ନେଇ ରିଙ୍କୁଙ୍କ ପରିବାର ପକ୍ଷରୁ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ରିଙ୍କୁଙ୍କ ମାଆ, ଭାଇ ଓ ଭଉଣୀ ଲକ୍ଷ୍ନୌସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇ ବିବାହ କାର୍ଡ ପ୍ରଦାନ କରିଛନ୍ତି । ଲକ୍ଷ୍ନୌର ରାମାଡା ହୋଟେଲରେ ଏହି ବିବାହ ଉତ୍ସବ ଆୟୋଜିତ ହେବାକୁ ଥିବାବେଳେ କ୍ରିକେଟ୍ ଓ ରାଜନୈତିକ ଜଗତର ଅନେକ ନାମୀଦାମୀ ଚେହେରା ସାମିଲ ହେବାର ଆଶା ରହିଛି ।

ତେବେ ରିଙ୍କୁ ଓ ପ୍ରିୟାଙ୍କ ପ୍ରେମ କାହାଣୀ ମଧ୍ୟ ବେଶ୍ ରୋଚକ । କୋଭିଡ୍ ସମୟରେ ସୋସିଆଲ ମିଡିଆରେ ପ୍ରିୟାଙ୍କ ଫଟୋ ଦେଖି ତାଙ୍କୁ ପସନ୍ଦ କରିଥିଲେ ରିଙ୍କୁ । ହେଲେ ପ୍ରଥମେ ମେସେଜ୍ କରିବାକୁ ସାହସ ଜୁଟାଇ ପାରିନଥିଲେ । ପରେ ପ୍ରିୟା ତାଙ୍କ ଫଟୋ ଲାଇକ୍ କରିବା ପରେ ଆରମ୍ଭ ହୋଇଥିଲା କଥାବାର୍ତ୍ତା । ଧୀରେ ଧୀରେ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା । ୨୦୨୫ ଜୁନ୍ ୮ ତାରିଖରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା ।ଅନ୍ୟପଟେ ରିଙ୍କୁଙ୍କ କ୍ରିକେଟ୍ କ୍ୟାରିୟରକୁ ପ୍ରିୟା ସବୁବେଳେ ସମର୍ଥନ କରିଆସିଛନ୍ତି । ଷ୍ଟାଡିୟମରେ ଉପସ୍ଥିତ ରହି ରିଙ୍କୁଙ୍କୁ ଉତ୍ସାହିତ କରିବାର ଦୃଶ୍ୟ ମଧ୍ୟ ଅନେକ ଥର ଦେଖିବାକୁ ମିଳିଛି । ତେବେ ଆଗାମୀ ଇଉଡ ରାଇଜିଂ ଷ୍ଟାର୍ସ ଏସିଆ କପରେ ଭାରତ 'ଏ' ଦଳର ଉପଅଧିନାୟକ ଭାବେ ଦାୟିତ୍ୱ ପାଇଛନ୍ତି ରିଙ୍କୁ । ନଭେମ୍ବର ୧୯ରୁ ୨୯ ପର୍ଯ୍ୟନ୍ତ କତାରର ଦୋହାରେ ଏହି ପ୍ରତିଯୋଗିତା ଖେଳାଯିବ । କ୍ରିକେଟ୍ ପଡ଼ିଆରେ ନିଜ ବ୍ୟାଟିଂରେ ଚମକୁଥିବା ରିଙ୍କୁ ଏବେ ଜୀବନର ନୂଆ ପାଳି ପାଇଁ ପ୍ରସ୍ତୁତ । ତେବେ ଏହି ଷ୍ଟାର୍ କ୍ରିକେଟରଙ୍କ ବିବାହକୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ଦେଖିବାକୁ ମିଳିଲାଣି ।



ଚାମ୍ପିଅନ ଭାରତୀୟ ଟିମ୍‌କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ ଟିମ୍ ଶନିବାର ଶେଷ ବଲ୍ ପର୍ଯ୍ୟନ୍ତ ଚାଲିଥିବା ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ବିଗତ ଚାମ୍ପିଅନ ପାକିସ୍ତାନକୁ ଏକ ୱିକେଟ୍‌ରେ ପରାସ୍ତ କରି ୧୯ ବର୍ଷରୁ କମ୍ ଏସିଆ କପ୍ ବିଜେତା ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ କ୍ରିକେଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ କ୍ରିକେଟ୍ ପାଇଁ ଆଜି ଏକ ସ୍ମରଣୀୟ



ଦିବସ। ଆଜିର ପଦର୍ଶନ ଏବଂ ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ୨୦୨୬ ବିଜୟୀ ଯୁବ କ୍ରିକେଟରଙ୍କୁ ନେଇ ଭାରତ ଗର୍ବ ଅନୁଭବ କରୁଛି। ତାଙ୍କର ଏହି ସଫଳତା ଅନ୍ୟ ଯୁବକମାନଙ୍କ ପାଇଁ ପ୍ରେରଣା ଯୋଗାଇବ। ଟିମ୍‌ର ଭବିଷ୍ୟତ ଏବଂ ପ୍ରୟାସ ପାଇଁ ଶୁଭକାମନା ଜଣାଉଛି। ସେହିପରି ଟିମ୍ ଇଣ୍ଡିଆର ବିଜୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲେଖିଛନ୍ତି, ୧୯ବର୍ଷରୁ କମ୍ ଭାରତୀୟ କ୍ରିକେଟ୍ ଟିମ୍‌କୁ ଅଭିନନ୍ଦନ ଜଣାଉଛି। ଭାରତୀୟ ଯୁବ କ୍ରିକେଟରମାନେ ଆଜି ତାଙ୍କର ଭଲ ପ୍ରଦର୍ଶନ ମାଧ୍ୟମରେ ପାକିସ୍ତାନକୁ ପରାସ୍ତ କରିପାରିଛନ୍ତି। ଭାରତୀୟ ଯୁବ କ୍ରିକେଟ୍ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ଚେସ୍‌କ୍ୱେଷ୍ଟ ୧.୦ର ଶୁଭାରମ୍ଭ: ଗୋଟିଏ ମଞ୍ଚରେ ଓଡ଼ିଶାର ଚେସ୍ ତାରକା ଓ ଉଦୀୟମାନ ପ୍ରତିଭା

ରାପିଡ୍ ଚେସ୍‌ରେ ୯୦ ପ୍ରତିଯୋଗୀ; ପଜଲ୍ ସଲ୍‌ଭିଂରେ ବୁଦ୍ଧି ପରଖିଲେ ୪୪ କିଶୋର

ଭୁବନେଶ୍ୱର: ଚେସ୍‌ର ୬୪ ଘରେ ବଡ଼ ସ୍ୱପ୍ନ ନେଇ ଏକାଠି ହେଲେ ଅଭିଜ୍ଞ ଖେଳାଳି ଓ ଉତ୍ସାହୀ କୁନି ପ୍ରତିଭା। ସହିଦନଗରସ୍ଥିତ ହାପି ଆୱାର୍ସ ସ୍କୁଲ୍‌ରେ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶୁଭାରମ୍ଭ ହୋଇଛି 'ଚେସ୍‌କ୍ୱେଷ୍ଟ ୧.୦ ସର୍ବଓଡ଼ିଶା ଓପନ୍ ରାପିଡ୍ ଚେସ୍ ଓ ପଜଲ୍ ସଲ୍‌ଭିଂ ପ୍ରତିଯୋଗିତା'ଅଞ୍ଚ। ଚେସ୍‌ଟର୍ଫ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଦକ୍ଷତା, ଏକାଗ୍ରତା ଓ ଖେଳୁଆଡ଼ ମନୋଭାବର ଏକ ସୁନ୍ଦର ସମାଗମ ପାଲଟିଛି।ରାପିଡ୍ ଚେସ୍ ପ୍ରତିଯୋଗିତାରେ ମୋଟ ୯୦ ଜଣ ଖେଳାଳି ଭାଗ ନେଇଥିବାବେଳେ ରେଟେଡ୍ ବିଭାଗରେ ୫୬ ଜଣ ରହିଛନ୍ତି। ଆନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡା ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ଅଂଶଗ୍ରହଣ କରିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଆନ୍ତର୍ଜାତୀୟ ମାଷ୍ଟର ଟାଇଟଲ୍ ହାସଲ ଲକ୍ଷ୍ୟରେ ଆଗେଇ ଚାଲିଥିବା ଫିଡେ ମାଷ୍ଟର ହର୍ଷିତ ରଞ୍ଜନ ସାହୁ ଏବଂ ଓଡ଼ିଶାର ଉଦୀୟମାନ ଚେସ୍ ପ୍ରତିଭା କ୍ୟାଣ୍ଡିଡେଟ୍ ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ।ଉଦ୍‌ଘାଟନୀ ଉତ୍ସବରେ ହାପି ଆୱାର୍ସ ସ୍କୁଲ୍‌ର ଅଧ୍ୟକ୍ଷା ନିଧି ଧାୱନ, ଜୟ ଓଡ଼ିଶାର ପ୍ରତିଷ୍ଠାତା ତଥା ବିଜେବି ଯୁବନେତା ରୁଦ୍ର ନାରାୟଣ ସାମନ୍ତରାୟ, ସାମେଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ସାରସ୍ୱତୀ ପାତ୍ର, ହାପି ଆୱାର୍ସ ସ୍କୁଲ୍‌ର ଉପାଧ୍ୟକ୍ଷା କ୍ଷଣିକା ଦାସ, ଆଇଏମ୍ ସମ୍ବିତ ପଣ୍ଡା ଏବଂ ଚେସ୍‌ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ ଆୟୋଜିତ ସମ୍ବର୍ଦ୍ଧନା ପର୍ବ ଉତ୍ସବକୁ ଅଧିକ ସ୍ମରଣୀୟ କରିଥିଲା। ଚେସ୍‌ଟର୍ଫ ଏକାଡେମୀ ପକ୍ଷରୁ ସମ୍ବିତ ପଣ୍ଡା, ହର୍ଷିତ ରଞ୍ଜନ ସାହୁ ଓ ସାତ୍ତ୍ୱିକ ସ୍ୱାଇଁଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ୭ ବର୍ଷରୁ ୬୪ ବର୍ଷ ବୟସର ଖେଳାଳିଙ୍କ ମଞ୍ଚରେ ସମ୍ମାନିତ ହେବା ଏହି ଯୁବ ପ୍ରତିଭାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ଥିଲା।ଏହା ପୂର୍ବରୁ ପ୍ରଥମ ଚେସ୍‌ଟର୍ଫ ପଜଲ୍ ସଲ୍‌ଭିଂ ପ୍ରତିଯୋଗିତାରେ ୪୪ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ସମସ୍ୟା ସମାଧାନ ଦକ୍ଷତା ପରଖିଥିଲେ। ଆୟୋଜକଙ୍କ ସୂଚନା ଅନୁଯାୟୀ, ଡବ୍ଲ୍ୟୁଏଫ୍‌ସିସି ଅଧୀନରେ ଆୟୋଜିତ ଏହି ପ୍ରତିଯୋଗିତା ଓଡ଼ିଶାରେ ପ୍ରଥମ।ଆନ୍ତର୍ଜାତୀୟ ଆର୍ବିଟର ପିଙ୍କି ମହାପାତ୍ର ପ୍ରତିଯୋଗିତା ପରିଚାଳନା କରୁଥିବାବେଳେ ଚେସ୍‌ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଦାୟିତ୍ୱ ତୁଲାଉଛନ୍ତି।



ଫଟୋ ପରିଚୟ: ସହିଦନଗରସ୍ଥିତ ହାପି ଆୱାର୍ସ ସ୍କୁଲ୍‌ରେ ଚେସ୍‌କ୍ୱେଷ୍ଟ ୧.୦ର ଉଦ୍‌ଘାଟନ ଓ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନଙ୍କ ସହ ସମ୍ମାନିତ ଚେସ୍ ଖେଳାଳି।ଅ

ମେସିଙ୍କ ଅବସର ପରେ ପ୍ରଥମ ମ୍ୟାଚ୍‌ରେ ହାରିଲା ଆର୍ଜେଣ୍ଟିନା

ବୁଏନସଏଇରିସ୍: ଫୁଟ୍‌ବଲ୍ କିଂବଦନ୍ତି ଲିଓନେଲ ମେସିଙ୍କ ଅବସର ପରେ ପ୍ରଥମ ମ୍ୟାଚ୍‌ରେ ପରାଜୟର ସାମ୍ନା କରିଛି ତିନିଥରର ବିଶ୍ୱବିଜେତା ଆର୍ଜେଣ୍ଟିନା। ଶୁକ୍ରବାର ବୁଏନସଏଇରିସ୍‌ର ଲା'ବୋମ୍ବୋନେରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏହି ଦଳ ଉରୁଗୁଏଠାରୁ ୧-୨ରେ ହାରିଯାଇଛି। ଦ୍ୱିତୀୟାର୍ଦ୍ଧର ୪୮ତମ ମିନିଟ୍‌ରେ ଲିଓନାର୍ଡ ବାଲେର୍ଡିଙ୍କ ଆତ୍ମଘାତୀ ଗୋଲ୍ ବଳରେ ଉରୁଗୁଏ ଅଗ୍ରଣୀ ହାସଲ କରିଥିଲା। ୫୩ତମ ମିନିଟ୍‌ରେ ମ୍ୟାକ୍ସିମିଲିଆନୋ ଆରାଉହୋ ଦ୍ୱିତୀୟ ଗୋଲ୍ ଦେଇ ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ୭୩ତମ ମିନିଟ୍‌ରେ ଜୁଲିଆନ୍ ଆଲଭାରେଜ୍ ଆର୍ଜେଣ୍ଟିନା ପାଇଁ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଦଳ ପରାଜୟ ଏଡ଼ାଇ ପାରିନଥିଲା।

ମେସି ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ଅବସର ନେବା ପରେ ପ୍ରଶିକ୍ଷକ ଲିଓନେଲ୍ ସ୍କାଲୋନିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନାର ଏହା ପ୍ରଥମ ମ୍ୟାଚ୍ ଥିଲା। ମେସି ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ୨୦୮ ମ୍ୟାଚ୍ ଖେଳି ୧୨୫ଟି ଗୋଲ୍ ସ୍କର କରିଛନ୍ତି। ସେ ଅବସର ନେଇସାରିଥିଲେ ବି ଏହି ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ତାଙ୍କୁ ନେଇ ଚର୍ଚ୍ଚା ଲାଗି ରହିଥିଲା।

କୁମାମୋଟୋ ମାଷ୍ଟର୍ସ ଫାଇନାଲରେ ଲକ୍ଷ୍ୟ ସେନ୍

କୁମାମୋଟୋ, ୧୪।୧୧: :ଜାପାନରେ ଚାଲିଥିବା କୁମାମୋଟୋ ମାଷ୍ଟର୍ସ ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ବିଶ୍ୱର ୧୦ ନମ୍ବର ଇଣ୍ଡୋନେସିଆର ଆଲଓ୍ୱି ଫରହାନଙ୍କୁ ୨୧-୧୨, ୧୫-୨୧, ୨୧-୧୧ରେ ପରାସ୍ତ କରି ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପହଞ୍ଚିଛନ୍ତି।

ଏହି ବିଜୟ ସହ ସେ ହାଙ୍ଗଝୋଉରେ ହେବାକୁ ଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଯୋଗ୍ୟତା ହାସଲ କରିବା ଆଶା ଉଜ୍ଜ୍ୱଳ ହୋଇଛି। ନିକଟରେ ହାଇଲୋ ଓପନ୍ ଟାଇଟଲ୍ ଜିତିଥିବା ଲକ୍ଷ୍ୟ ଏବେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ରାଙ୍କିଂରେ ୬୪,୯୮୦ ପଏଣ୍ଟ ସହ ୧୨ତମ ସ୍ଥାନରେ ଅଛନ୍ତି। ଋତୁର ଶେଷ ପ୍ରତିଯୋଗିତାରେ ସ୍ଥାନ ପାଇବା ପାଇଁ ତାଙ୍କୁ ଶ୍ରେଷ୍ଠ ୮ ମଧ୍ୟକୁ ଉଠିବାକୁ ପଡ଼ିବ। ଫାଇନାଲ୍‌ରେ ଲକ୍ଷ୍ୟ ଜାପାନର କୋକି ୱାତାନାବେ କିମ୍ବା ଥାଇଲାଣ୍ଡର କୁନଲାଭୁଟ୍ ଭିତିଦସର୍ଣ୍ଣଙ୍କୁ ଭେଟିବେ।

ଓଡ଼ିଶା ବୋଲରଙ୍କ ହୋସ ଉଡ଼ାଇଲେ ଉର୍ଭିଲ

ନୂଆଦିଲ୍ଲୀ, ୧୪।୧୧: ସୟଦ ମୁସ୍ତାକ ଅଲି ଟ୍ରଫି ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରୁ ହିଁ କିଛି ବ୍ୟାଟ୍‌ସମ୍ୟାନ ସେମାନଙ୍କର ଦମ୍ ଦେଖାଇଛନ୍ତି। ଏଥିରେ ଗୁଜୁରାଟର ୱିକେଟକିପର ବ୍ୟାଟ୍‌ସମ୍ୟାନ ଉର୍ଭିଲ ପଟେଲ ମଧ୍ୟ ସାମିଲ ଅଛନ୍ତି। ସେ ନିଜ ବ୍ୟାଟ ଜରିଆରେ ଧମାକା ମଚାଇ ଦେଇଛନ୍ତି। ଉର୍ଭିଲ ନିଜ ଦଳ ପାଇଁ ଏକ ଉପଯୋଗୀ ଇନିଂସ ଖେଳି ଜବରଦସ୍ତ ଅନ୍ଦାଜରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଗୁଜୁରାଟର ମୁକାବିଲା ଓଡ଼ିଶା ବିପକ୍ଷରେ ହୋଇଥିଲା। ଏହି ମୁକାବିଲାରେ ଉର୍ଭିଲ ଚମକି ଉଠିଛନ୍ତି। ଗତ କିଛି ମାସ ତାଙ୍କ ପାଇଁ ବହୁତ ଭଲ ରହିଛି। ସମ୍ପ୍ରତି ରଣଜୀ ଟ୍ରଫିରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହା କୌଣସି ନା କୌଣସି ପ୍ରକାରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ମଧ୍ୟ ଏକ ଭଲ ଖବର ଅଟେ।

ଉର୍ଭିଲ ପଟେଲ ଆଉ ଥରେ ନିଜ ବ୍ୟାଟିଂ ଜରିଆରେ ସମସ୍ତଙ୍କ ହୃଦୟ ଜିତିଛନ୍ତି। ସେ ଓଡ଼ିଶା ବିରକ୍ଷରେ ୩୦ଟି ବଲରେ ୬୨ ରନ ସଂଗ୍ରହ କରିଛନ୍ତି। ନିଜର ଏହି ବିପଜ୍ଜନକ ଇନିଂସରେ ସେ ୬ଟି ଚୌକା ଏବଂ ୪ଟି ଛକା ମାରିଛନ୍ତି। ସେ ୨୦୬.୬୨ ର ଷ୍ଟ୍ରାଇକ ହାରରେ ବ୍ୟାଟିଂ କରି ଓଡ଼ିଶା ବୋଲରମାନଙ୍କର ହୋସ ଉଡ଼ାଇ ଦେଇଛନ୍ତି। କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଉଥିବା ଏହି ମୁକାବିଲାରେ ଗୁଜୁରାଟ ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ଆରମ୍ଭ ବେଶ ଚମତ୍କାର ରହିଥିଲା। ଉର୍ଭିଲଙ୍କୁ ସୁଭ୍ରାଂଶୁ ସେନାପତି ୬୨ ରନ ସ୍କରରେ ଆଉଟ କରିଥିଲେ। ଯଦିଓ ସେତେବେଳକୁ ସେ ଦଳ ପାଇଁ ନିଜର କାମ ସାରିସାରିଥିଲେ।

ସମ୍ପ୍ରତି ରଣଜୀ ଟ୍ରଫିରେ ମଧ୍ୟ ଉର୍ଭିଲ ପଟେଲ ନିଜ ବ୍ୟାଟିଂ ଜରିଆରେ ସମସ୍ତଙ୍କ ହୃଦୟ ଜିତିଥିଲେ। ସେ କେରଳ ବିରକ୍ଷରେ ଶତକ ହାସଲ କରିଥିଲେ। ସେ ୧୦୯.୯ ର ଷ୍ଟ୍ରାଇକ ହାରରେ ବ୍ୟାଟିଂ କରିଥି